
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 NOVEMBER 2023
Vol.No. 34 ■ No. 304■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାରତର ବିଶ୍ୱକପ୍ ସ୍ୱପ୍ନ ଧୂଳିସାତ୍



ନୂଆଦିଲ୍ଲୀ, ୧୯/୧୧ : ଚାରିଆଡ଼େ କେବଳ ନିରାଶ ହିଁ ନିରାଶ। ଶୂନଶାନ ହେଲା ପୂରା ଭାରତ। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ଠାରୁ ଆରମ୍ଭ କରି ଓଡ଼ିଶାର ବାଲେଶ୍ୱର ଯାଏ ସବୁଠି ହତାଶର ଚିହ୍ନ। କାରଣ ଅଧା ରହିଗଲା ଭାରତର ବିଶ୍ୱକପ ଜିତିବା ସ୍ୱପ୍ନ। ଅନେକ ଆଶା ଓ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଜି ରୋହିତ ଶର୍ମା ଆଣ୍ଡ କୋ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ଓହ୍ଲାଇଥିଲା। ଭାରତ ମାଟିରେ ବିଶ୍ୱ ବିଜେତା ହୋଇ ନୂଆ ଇତିହାସ ରଚିବା ଲକ୍ଷ୍ୟରେ ଥିଲା ଦଳ। କିନ୍ତୁ ଟ୍ରାଭିସ ହେଡ୍ ଭାରତର ସବୁ ସ୍ୱପ୍ନକୁ ଭାଙ୍ଗି ଚୂରମାର କରି ଦେଇଛନ୍ତି। ବିଶ୍ୱକପର ଫାଇନାଲରେ ସେ ଚମତ୍କାର ଶତକ ହାସଲ କରି ଅଷ୍ଟ୍ରେଲିଆକୁ ୬ଷ୍ଠ ଥର ପାଇଁ ବିଶ୍ୱ ବିଜେତା କରିଛନ୍ତି। ଆଜି ହେଡ୍ ୧୨୦ ବଲରେ ୧୩୭ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ସେ ୧୫ଟି ଚୌକା ଓ ୪ଟି ଛକା ମାରିଛନ୍ତି। ଲାବୁଶେନ ଶେଷ ଯାଏ ୧୧୦ ବଲରେ ୫୮ ରନ କରି ଅପରାଜିତ ରହିଥିଲେ। ରୋହିତ ଶର୍ମାଙ୍କ କ୍ୟାପଟେନ୍ସିରେ ପ୍ରଥମଥର ପାଇଁ ବିଶ୍ୱକପ ଖେଳିବା ସହ ଫାଇନାଲରେ ପ୍ରବେଶ କରିଥିଲା ଭାରତ। କିନ୍ତୁ ଫାଇନାଲରେ ଦଳକୁ ହାରିବାକୁ ପଡ଼ିଛି। ଏଥିସହ ଚଳିତ ବିଶ୍ୱକପରେ ଭାରତର ଅପରାଜେୟ ଧାରାରେ ବ୍ରେକ ଲାଗିଛି। ଦୀର୍ଘ ୧୨ ବର୍ଷ ପରେ ବିଶ୍ୱକପର ଅତି ନିକଟକୁ ଆସି ଭାରତ ନିରାଶ ହୋଇଛି। ୨୦୧୧ରେ ଭାରତ ନିଜ ମାଟିରେ ବିଶ୍ୱକପ ଜିତିଥିଲା। ଏବେ ପୁଣି ଭାରତରେ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଲାଗୁଥିଲା ୨୦୦୩ରେ ଅଷ୍ଟ୍ରେଲିଆ ଠାରୁ ଫାଇନାଲ ପରାଜୟର ପ୍ରତିଶୋଧ ନେବ ଭାରତ। କିନ୍ତୁ ପ୍ରଥମେ ଅଷ୍ଟ୍ରେଲିଆ ଘାତକ ବୋଲିଂ କରି ଭାରତକୁ ୨୪୦ ରନରେ ଅଲଆଉଟ କରିଦେଇଥିଲା। ଏହାପରେ ବ୍ୟାଟିଂରେ ହେଡ୍ କମାଲ କରି ଭାରତକୁ ପରାସ୍ତ କରିଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ୬ ୱିକେଟରେ ପରାସ୍ତ ହୋଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ଗ୍ରୁପ ପର୍ଯ୍ୟାୟରେ ଭାରତ ଠାରୁ ପରାଜୟର ମଧୁର ପ୍ରତିଶୋଧ ନେଇଛି। ୨୦୧୫ ବିଶ୍ୱକପ ସେମି ଫାଇନାଲରେ ଭାରତକୁ ଅଷ୍ଟ୍ରେଲିଆ ସେମି ଫାଇନାଲରୁ ବିଦା କରିଥିଲା। ଏବେ ୨୦୨୩ ବିଶ୍ୱକପରେ କଙ୍ଗାରୁ ଟିମ ଭାରତର ଶିକାର କରିଛି। ୧୯୮୭, ୧୯୯୯, ୨୦୦୩, ୨୦୦୭, ୨୦୧୫ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିଶ୍ୱ ବିଜେତା ହୋଇ ନୂଆ ରେକର୍ଡ କରିଛି। ଅଷ୍ଟ୍ରେଲିଆକୁ ବିଶ୍ୱ ବିଜେତା କରାଇଥିବା ଶତକଧାରୀ ହେଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଚଳିତ ବର୍ଷ ବିଶ୍ୱକପରେ ଭାରତ ଏଯାଏ ଅପରାଜେୟ ଥିଲା। ୧୦ ମ୍ୟାଚ୍‌ରୁ ୧୦ ବିଜୟ ସହ ଦଳ ଫାଇନାଲରେ ପ୍ରବେଶ କରିଥିଲା। ହେଲେ ଫାଇନାଲରେ ଦଳ ପ୍ରଥମ ପରାଜୟ ବରଣ କରିଛି। ଏହି ପରାଜୟ ଦଳକୁ ମହଙ୍ଗା ମଧ ପଡ଼ିଛି। ଦଳ ବିଶ୍ୱ ବିଜେତା ହେବାରୁ ବଞ୍ଚିତ ହୋଇଛି। ଭାରତ ୧୨ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିବାରୁ ସବୁଆଡ଼େ ଉତ୍ସାହ ଓ ସେଲିବ୍ରେସନ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ ସେଲିବ୍ରେଟିମାନେ ଆଜି ଷ୍ଟାଡିୟମରେ ଉପସ୍ଥିତ ଥିଲେ। କିନ୍ତୁ ଭାରତୀୟ ଟିମର ପ୍ରଦର୍ଶନରେ ସମସ୍ତେ ନିରାଶ ହୋଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ କେଏଲ ରାହୁଲଙ୍କ ୬୬ , ବିରାଟ କୋହଲିଙ୍କ ୫୪ ଓ ରୋହିତ ଶର୍ମାଙ୍କ ୪୭ ରନ ବଳରେ କେବଳ ୨୪୦ ରନ କରିଥିଲା। ୨୪୧ ରନର ଟାର୍ଗେଟକୁ ପିଛା କରୁଥିବା ଅଷ୍ଟ୍ରେଲିଆକୁ ଭାରତୀୟ ବୋଲର ପ୍ରାରମ୍ଭିକ ଝଟକା ଦେଇଥିଲେ। ୪୭ ରନରେ କଙ୍ଗାରୁ ଟିମ ୩ ୱିକେଟ ହରାଇଥିଲା। ହେଲେ ହେଡ୍ ଓ ଲାବୁଶେନ ଭାରତର ସବୁ ସ୍ୱପ୍ନରେ ପାଣି ପକାଇ ଦେଇଥିଲେ। ସେ ଭାରତୀୟ ବୋଲରଙ୍କୁ କାଉଣ୍ଟର ଆଟକା କରି ପ୍ରଥମେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହାପରେ ସେ ବିଶ୍ୱକପ ଫାଇନାଲରେ ଶତକ ହାସଲ କରି ଭାରତ ଠାରୁ ▶▶ପୃଷ୍ଠା ୭

## ପୁଣି ଏକ ଦନ୍ତା ହାତୀର ମୃତ୍ୟୁ



କେନ୍ଦୁଝର, ୧୯/୧୧ (ନି.ପ୍ର): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ବିଟ୍ ଅଧୀନ ଆକୁଳ ମୁଣ୍ଡା ସାହି ନିକଟରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ହାତୀଟିକୁ ପ୍ରାୟ ୧୦ ବର୍ଷ ହୋଇଥିଲା ବୋଲି ଜଣାପଡ଼ିଛି। ହାତୀଟିର ମୃତଦେହ ଯେଉଁ ସ୍ଥାନରେ ପଡ଼ିଛି ସେଠାରେ ଫସଲର ସୁରକ୍ଷା ପାଇଁ ସୋଲାର ବିଦ୍ୟୁତ୍ ପ୍ରବାହିତ ତାର ବିଛା ଯାଇଥିଲା। ହାତୀର ମୃତ୍ୟୁର କାରଣ ସଂପର୍କରେ ବନ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇନଥିବା ବେଳେ ବିଦ୍ୟୁତ୍ ଆଘାତରୁ ତା'ର ମୃତ୍ୟୁ ଘଟି ଥାଇପାରେ ବୋଲି ଅନୁମାନ କରାଯାଉଛି। ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ହାତୀର ମୃତ୍ୟୁର କାରଣ ଜଣାପଡ଼ିବ। ଗତକାଲି ଏହି ଅଞ୍ଚଳରେ ଏକ ୨୫ ଟିକିଆ ହାତୀପଲ ରହିଥିଲେ। ୧୦ ଦିନ ତଳେ କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଭାଡ଼ିମରା ଗାଁ ପାଖରେ ଗତକାଲି ବିଦ୍ୟୁତ୍ ଆଘାତରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ୫ ଜଣ ଶିକାରୀ ଙ୍କୁ ଗିରଫ କରିଛି। ବାରହା ଶିକାର ପାଇଁ ସେମାନେ ବିଦ୍ୟୁତ୍ ପ୍ରବାହିତ ତାର ବିଛାଇ ଥିବା ବେଳେ ହାତୀଟି ମରି ଯାଇଥିଲା।

## ଓଲଟିଲା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍: ଜଣେ ମୃତ



ମୟୂରଭଞ୍ଜ, ୧୯/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଜୁଆଳିକଟା ଛକ ନିକଟରେ ଆଜି ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଗୋଟିଏ ବଳଦର ମଧ ମୃତ୍ୟୁ ହୋଇଛି।୧୦ଟି ଗୋରୁ ନେଇ ପିକ୍‌ଅପ୍ ଭ୍ୟାନ୍‌ଟି ଠାକୁରମୁଣ୍ଡାରୁ କରଞ୍ଜିଆ ଆଡ଼କୁ ଯାଉଥିବା ବେଳେ ସକାଳ ପ୍ରାୟ ୮ଟା ବେଳେ ଜୁଆଳିକଟା ଛକ ନିକଟରେ ଓଲଟି ପଡ଼ିଥିଲା। ଗାଡ଼ିଟି ଓଲଟି ପଡ଼ିବା ପରେ ଡ୍ରାଇଭର ସେଠାରୁ ଖସି ପଳାଇଥିଲେ। କିନ୍ତୁ ଗାଡ଼ିରେ ବସିଥିବା ଆଉ ଜଣେ ବ୍ୟକ୍ତି ତା' ତଳେ ଚାପି ହୋଇ ରହିଯାଇଥିଲେ। ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ତେବେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଦୁର୍ଘଟଣାରେ ଆହତ ଗୋରୁଗୁଡ଼ିକୁ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଚିକିତ୍ସା କରାଯାଉଛି।

## ହାତୀ ଦାନ୍ତ ଧରି ଯାଉଥିବା ବେଳେ ମାଡ଼ି ବସିଲା ବନ ବିଭାଗ

ବାରିପଦା, ୧୯/୧୧ (ନି.ପ୍ର): ଏସିଆ ମହାଦେଶର ସର୍ବବୃହତ ଜୈବମଣ୍ଡଳ ଶିମିଳିପାଳରେ ଥମୁନାହିଁ ଶିକାରୀଙ୍କ ପ୍ରାଦୁର୍ଭାବ। ଆଜି ପୁଣି ହାତୀ ଦାନ୍ତ ଧରି ଯାଉଥିବା ବେଳେ ୪ ଜଣ ଶିକାରୀଙ୍କୁ ମାଡ଼ି ବସିଛି ବନ ବିଭାଗ। ସେମାନଙ୍କଠାରୁ ୨ଟି ହାତୀ ଦାନ୍ତ ଜବତ କରିଛି। ଆଜି କପ୍ତିପଦା ଥାନା ଅଞ୍ଚଳର ନିତ୍ୟାନନ୍ଦ ସିଂ, ଚାମୁରୁ ସିଂ, ଲଛୁ ସିଂ ଓ ମହୁଲଡିହା ଥାନା ଅଞ୍ଚଳର ରାଜୁ ବାଙ୍କିରା ହାତୀ ଦାନ୍ତ ଧରି ବାଇକ୍ ?ରେ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗର କର୍ମଚାରୀମାନେ ଠାକୁରମୁଣ୍ଡା ବନାଞ୍ଚଳ ଚମ୍ପାଝରନ ନିକଟରେ ଛପି ରହିଥିଲେ। ଶିକାରୀମାନେ ବାଇକ୍ ?ରେ ଯାଉଥିବା ବେଳେ ସେମାନଙ୍କୁ ମାଡ଼ି ବସିଥିଲା ବନ ବିଭାଗ। ବନ ବିଭାଗ ସେମାନଙ୍କଠାରୁ ୩ ବାଇକ, ଚାରୋଟି ମୋବାଇଲ ଓ ଦୁଇଟି ହାତୀ ଦାନ୍ତ ଜବତ କରିଛି। ଜବତ ବାମ ହାତୀ ଦାନ୍ତର ଓଜନ ୧ କିଲୋ ୯ ଶହ ଗ୍ରାମ ଥିବା ବେଳେ ଲମ୍ବ ୬୮ ସେଣ୍ଟିମିଟର ରହିଛି। ସେହିପରି ହାତୀର ଡାହାଣ ଦାନ୍ତର ଓଜନ ୧ କିଲୋ ୯ ଶହ ୫୦ ଗ୍ରାମ ହୋଇଥିବା ବେଳେ ଲମ୍ବ ୭୨ ସେଣ୍ଟି ମିଟର ରହିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ତେବେ ସେମାନେ କେତେ ଦିନ ହେଲା ଏହି କାରବାର କରୁଥିଲେ, ତାହା ଜଣାପଡ଼ି ନାହିଁ। ବନ ବିଭାଗ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଏହି ରାକେଟରେ ଆଉ କାହାର ହାତ ରହିଛି, ତାହା ଉପରେ ତଦନ୍ତ ଚାଲିଥିବା ବନ ବିଭାଗ କହିଛି।

## ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୧୯/୧୧ : ନିଜ ମାଟିର ମଣିଷ, ଦେଶର ପ୍ରଥମ ନାଗରିକଙ୍କ ସ୍ୱାଗତ ଅପେକ୍ଷାରେ ମୟୂରଭଂଜ ଜିଲ୍ଲା ପ୍ରଶାସନ । ମହାମହୀମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ମୟୂରଭଂଜ ଗସ୍ତରେ ଆସୁଛନ୍ତି । ତେବେ ପୂର୍ବ ନିର୍ଦ୍ଧାରିତ ସମୟ ଠାରୁ ୩ ଘଂଟା ଆଗୁଆ ଆସିବେ ରାଷ୍ଟ୍ରପତି । ସୋମବାର ଦିନ ୨ଟା୨୦ମିନିଟ୍ରେ ପହଂଚିବା ପରିବର୍ତ୍ତେ ଦିନ ୧୧ଟା ୨୫ମିରେ ବାରିପଦାରେ ପହଂଚିବେ । ସହିଦ ସ୍ମୃତି ଭବନରେ ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘର ୩୬ତମ ବାର୍ଷିକ ଉତ୍ସବରେ ଯୋଗ ଦେବେ ରାଷ୍ଟ୍ରପତି । ବାରିପଦାରେ ମଧ୍ୟାହ୍ନ ଭୋଜନ ପରେ ୨.୩୫ମିନିଟ୍ରେ କୁଳିଅଣା ବ୍ଲକର ଏକଲବ୍ୟ ମଡେଲ ଆବାସିକ ସ୍କୁଲର ଉଦଘାଟନ କରିବେ । ଏହାପରେ ଅପରାହ୍ଣ ୩.୧୫ ମିନିଟ୍ରେ ରାଇରଙ୍ଗପୁର ଅଭିମୁଖେ ବାହାରିବେ । ସେହିଭଳି ୨୧ ତାରିଖରେ

## ସଡ଼କ ଦୁର୍ଘଟଣାରେ ଆଖି ବୁଜିଲେ ୬ ପୁଲିସ୍ ଅଧିକାରୀ

ନୂଆଦିଲ୍ଲୀ, ୧୯/୧୧ : ରାଜସ୍ଥାନର ଚୁରୁ ଜିଲ୍ଲାରେ ଆଜି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ସହିତ ପୁଲିସ୍ ଅଧିକାରୀଙ୍କୁ ନେଇ ଯାଉଥିବା କାରର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୬ ଜଣ ପୁଲିସ୍ ଅଧିକାରୀ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଏହି ପୁଲିସ୍ ଅଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝୁନଝୁନ ରାଲିର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ସମସ୍ତେ କାର ଯୋଗେ ନାଗପୁରରୁ ରାଲି ହେବାକୁ ଥିବା ସ୍ଥାନକୁ ଯାଉଥିଲେ। କିନ୍ତୁ ଅଧା ବାଟରେ ୭ ଜଣଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ଦୁର୍ଘଟଣା ରବିବାର ଭୋର ସମୟରେ ଘଟିଛି। ପୁଲିସ୍ ଅଧିକାରୀମାନେ ଚୁରୁ ଜିଲ୍ଲାର ବାଘସରା ଗାଁର ଅତି ନିକଟରେ ପହଞ୍ଚି ଯାଇଥିଲେ। କିନ୍ତୁ ଗାଁ ଠାରୁ ମାତ୍ର ଅଳ୍ପ ଦୂରତାରେ ସେମାନଙ୍କ ଗାଡ଼ି ସାମ୍ନା ପଟୁ ଆସୁଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଘନ କୁହୁଡ଼ି ଯୋଗୁ ଏପରି ଘଟଣା ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପୁଲିସ୍ ଅଧିକାରୀଙ୍କ ମହିନ୍ଦ୍ରା ଜାଇଲୋଟି ସଂପୂର୍ଣ୍ଣ ଚୂରମାର ହୋଇଯାଇଛି। ସେହିପରି ଘଟଣାସ୍ଥଳରେ ହିଁ ୫ ଜଣ ପ୍ରାଣ ହରାଇଥିଲେ। ଏହାପରେ ଆଉ ୨ ଜଣଙ୍କୁ ହସ୍ପିଟାଲ ନିଆ ଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ଅଧିକାରୀଙ୍କ ମୃତ୍ୟୁ ଘଟିଛି।

## ଆଠ ଦିନ ହେବ ଟନେଲ୍ ତଳେ ୪୧ ଶ୍ରମିକ: ଉଦ୍ଧାରକାର୍ଯ୍ୟକୁ ଲାଗିପାରେ ୪-୫ ଦିନ



ନୂଆଦିଲ୍ଲୀ, ୧୯/୧୧ : ଉତ୍ତରକାଶୀ ଟନେଲ ଭୁଶୁଡିବା ଘଟଣାକୁ ବିତିଲାଣି ଆଠ ଦିନ। ଏବେ ମଧ ଫସି ରହିଛନ୍ତି ୪୧ ଶ୍ରମିକ। କିପରି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ ସେଥିପାଇଁ ପ୍ରାଣପ୍ରଣେ ଉଦ୍ୟମ କରୁଛନ୍ତି ଉଦ୍ଧାରକାରୀ ଟିମ୍। ଖାଦ୍ୟ, ପାନୀୟ ଓ ଅମ୍ଳଜାନ ପଠାଯିବା ସହ ଶ୍ରମିକମାନଙ୍କ ସହ ନିରନ୍ତର ଯୋଗାଯୋଗ କରାଯାଉଛି। ଉଦ୍ଧାରକାର୍ଯ୍ୟକୁ ଆଉ ୪ରୁ ୫ ଦିନ ଲାଗିପାରେ ବୋଲି କହିଛନ୍ତି ଜଣେ ବରିଷ୍ଠ ଅଧିକାରୀ। ଶ୍ରମିକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଅଧିକାରୀମାନେ ଆଜି ପାହାଡର ଶିଖରରୁ ଏକ ଭୂଲମ୍ବ ଗର୍ତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ମଧ୍ୟପ୍ରଦେଶ ଇନ୍ଦୋରରୁ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରିଲିଂ ମେସିନ୍ ଅଣାଯିବା ପରେ ଗତକାଲି ସନ୍ଧ୍ୟାରୁ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପଟେ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ବିଶେଷଜ୍ଞ ଟିମ୍ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ଟିମ୍ ଏକାଧିକ ପ୍ଲାନିଂ ଉପରେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ ଏଜେନ୍ସିମାନଙ୍କ ସହ ପାଞ୍ଚଟି ବିକଳ୍ପ ପଥ ଉପରେ ଆଲୋଚନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ପରାମର୍ଶଦାତା ଭାସ୍କର ଖୁଲବେ ସମାନ କଥା କହିଛନ୍ତି। ସେ କହିଛନ୍ତି, 'ଶ୍ରମିକଙ୍କ ନିକଟରେ ପହଞ୍ଚିବାକୁ ହେଲେ କେବଳ ଗୋଟିଏ ଯୋଜନା ନୁହେଁ ଏକାଧିକ ଯୋଜନା ଉପରେ କାର୍ଯ୍ୟ କରିବା ଉଚିତ୍। ଉଦ୍ଧାରକାରୀ ଟିମର ମିଳିତ ପ୍ରୟାସରେ ଚାରିରୁ ପାଞ୍ଚ ଦିନ ମଧ୍ୟରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବାର ସମ୍ଭାବନା ରହିଛି। ଯଦି ଭଗବାନଙ୍କ ଦୟା ହୁଏ ତେବେ ଆହୁରି କମ୍ ସମୟ ମଧ୍ୟରେ ଶ୍ରମିକମାନେ ଉଦ୍ଧାର ହୋଇପାରିବ।'

## ଓଡିଶାରେ ପିଏମ-ଶ୍ରୀ ଯୋଜନାର ଶୁଭାରମ୍ଭ

### ବିକଶିତ ହେବ ଭିତ୍ତିଭୂମି, ମିଳିବ ଗୁଣାତ୍ମକ ଶିକ୍ଷା



ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଭୁବନେଶ୍ୱର ରେଲବାଇ ଅଡିଟୋରିୟମ ଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ବା ପିଏମଶ୍ରୀ ଯୋଜନାର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ସରକାର ପିଏମଶ୍ରୀ ଯୋଜନା ପାଇଁ ଏମଓୟୁ କରିନଥିବାରୁ ରାଜ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟରେ ଏହି ଯୋଜନାର ଆରମ୍ଭ ହୋଇଛି । ଜାତୀୟ ଶିକ୍ଷା ନୀତି ଆଧାରରେ ପିଏମଶ୍ରୀ ସ୍କୁଲରେ ନବସୃଜନ ଆଧାରିତ ନୂତନ ପ୍ରଯୁକ୍ତି ବିଦ୍ୟା, ସ୍ମାର୍ଟ କ୍ଲାସରୁମ, କ୍ରୀଡା ସହ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦିଆଯିବ । ଦେଶର କେତେକ ରାଜ୍ୟରେ ପିଏମଶ୍ରୀ ଯୋଜନା ଲାଗୁ ହୋଇସାରିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରାଜନୈତିକ ସ୍ୱାର୍ଥକୁ ଆଖିରେ ରଖି ଓଡିଶାର ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯାଉଛି । ଓଡିଶାରେ ପିଏମଶ୍ରୀ ଲାଗୁ କରିବା ପାଇଁ ଏମଓୟୁ ସ୍ୱାକ୍ଷର କରୁନାହାନ୍ତି ରାଜ୍ୟ ସରକାର । ଏହାକୁ ନେଇ ରାଜନୈତିକ ବୟାନବାଜି ତେଜବାରେ ଲାଗିଛି । କୁହାଯାଉଛି ରାଜ୍ୟରେ ଚାଲିଥିବା ଫାଇଭ-ଟି ସ୍କୁଲ ରୁପାନ୍ତର ସହ ପିଏମଶ୍ରୀ ଯୋଜନାରେ ସମାନ ସୁବିଧା ରହିଛି । ଦେଶରେ ୧୪ହଜାର ୫ଶହ ପିଏମଶ୍ରୀ ସ୍କୁଲ ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାରେ ପ୍ରତିଟି ବ୍ଲକର ଦୁଇଟି ବିଦ୍ୟାଳୟକୁ ସାମିଲ କରାଯିବା ଯୋଜନା ରହିଛି । ଯେହେତୁ ଓଡିଶାରେ ଲାଗୁ ହୋଇନାହିଁ ତେଣୁ ରାଜ୍ୟରେ ଥିବା ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟରେ ପିଏମଶ୍ରୀ ଆରମ୍ଭ ହୋଇଛି ।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗ

କୋରେଇ, ୧୯/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଂଚାୟତର ରାମପୁର ଶଗଡି ଗ୍ରାମରେ ମହିଳାଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ କରାଯାଇଛି । ଏନେଇ ପୁଲିସ ତଦନ୍ତ ଜାରି ରଖିଛି । ପ୍ରକାଶଯେ ଶଗଡି ଗ୍ରାମର ଜାହାଙ୍ଗିର ବେଗଙ୍କ ପତ୍ନୀ ଆସିଆ ବିବିଙ୍କ ଅଭିଯୋଗ ମୁତାବକ ଏକ ସାଇକେଲ ଭାଙ୍ଗିବା ଘଟଣାକୁ ନେଇ ମିର୍ଜା ରଜାକ ବେଗ ଓରଫ ପେଣ୍ଟୁ ଓ ତାର ସ୍ତ୍ରୀ ରଇସା ବିବି ଏବଂ ତାଙ୍କ ସାନଭାଇ ଇସାକ ବେଗ ପ୍ରମୁଖ ଆସିଆ ଓ ତାଙ୍କ ଝିଅ ନସିଆ ବେଗମକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରି ଶାରୀରିକ ନିର୍ଯ୍ୟାତନା ଦେଇଥିଲେ । ଛୋଟପିଲାଙ୍କ ଭୁଲକୁ ନସୁଧାରି ଓଲଟା ଆକ୍ରମଣ କରିବା ନେଇ ପାଣିକୋଇଲି ଥାନାରେ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ବାଇକ ଚୋରି ଅଭିଯୋଗ

କୋରେଇ, ୧୯/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମଣିପୁର ଗ୍ରାମ ନିକଟରେ ବାଇକ ଚୋରି ଅଭିଯୋଗ ହୋଇଛି । ପ୍ରକାଶଯେ ବାଲେଶ୍ୱର ଜିଲ୍ଲା ଶାସନପଦା ଗ୍ରାମର ଭାଗିରଥି ବରାଳଙ୍କ ପୁଅ ସୁଜୟ ବରାଳଙ୍କ ଅଭିଯୋଗ ମୁତାବକ ସେ ତାଙ୍କର ହୋଣ୍ଡା ସାଇନ ବାଇକ ( ଓଆର ୦୧ପି ୬୪୦୧)କୁ ମଣିପୁର ଗ୍ରାମ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ରଙ୍କ ଘର ନିକଟରେ ରଖିଥିଲେ । ସେ ପୂର୍ଣ୍ଣଙ୍କ ଘରେ ଭଡାରେ ରହୁଥିଲେ । ଘରୁ ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ବାଇକଟି ନଥିଲା । ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି ।

# ସିଆରପିଏଫ୍ କବ୍‌ଜାରେ ସରଣ୍ଡା ଜଙ୍ଗଲ: ୯ କ୍ୟାମ୍ପରେ ହଜାରେ ଯବାନ



ବିଶ୍ରା, ୧୯/୧୧ (ନି.ପ୍ର): ସିପିଆଇ ମାଓବାଦୀ ସଂଗଠନର ପଲିଟିବ୍ୟୁରୋ ସଦସ୍ୟ ତଥା ଓଡ଼ିଶାର ସୁନ୍ଦରଗଡ଼-ଦେବଗଡ଼-ସମ୍ବଲପୁର (ଏସ୍‌ଡିଏସ୍) ମାଓ ଜୋନାଲ୍ କମିଟିର ମୁଖ୍ୟ ମିଶିର ବେସରା ଏବେ ସମ୍ପୂର୍ଣ୍ଣ ଭାବେ ପୁଲିସ ଘେରରେ ରହିଥିବା କୁହାଯାଉଛି । ଝାଡ଼ଖଣ୍ଡ କୋହ୍ଲଣ ଜଙ୍ଗଲରେ ସିଆରପିଏଫ୍‌ଙ୍କ ଦ୍ୱାରା ନକ୍ସଲବିରୋଧୀ ଅଭିଯାନ ଆରମ୍ଭହେଲା ପରେ ମିଶିର ବେସରା ତାଙ୍କ ମୁଖ୍ୟ ସହଯୋଗୀ ମୋଛୁ ଓ ଶତାଧିକ ମାଓବାଦୀଙ୍କ ସହିତ ସରଣ୍ଡା ଜଙ୍ଗଲରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି । ଏହି ସୂଚନା ପାଇବା ପରେ ଝାଡ଼ଖଣ୍ଡ ପୁଲିସ ଓ ସିଆରପିଏଫ୍ ଯବାନମାନେ ସମ୍ପୂର୍ଣ୍ଣ ସରଣ୍ଡା ଜଙ୍ଗଲକୁ ଘେରି ଯାଇଛନ୍ତି । ୯ଟି କ୍ୟାମ୍ପରେ ୧୦୦୦ରୁ ଅଧିକ ସିଆରପିଏଫ୍ ଯବାନ ଅପରେସନ୍ ପାଇଁ ପ୍ରସ୍ତୁତ ହୋଇରହିଛନ୍ତି । ଏହାଛଡ଼ା ବଡ଼ସଂଖ୍ୟାରେ ସିଆରପିଏଫ୍ ଯବାନ ଅଲଗା ଅଲଗା ରାସ୍ତା ଦେଇ ସରଣ୍ଡା ଜଙ୍ଗଲକୁ ପ୍ରବେଶ କରିବା ଆରମ୍ଭକରି ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସରଣ୍ଡା ଜଙ୍ଗଲ ଅଧୀନସ୍ଥ ଥାଲକୋବାଦ, ଜମ୍ବାଇବୁରୁ, କରମପାଦା, କିରିବୁରୁ, ସେଡ୍‌ହେଲ, ଛୋଟାନାଗ୍ରା, ରୋଆମ, ଅଙ୍କୁଆ, ଦୀଘା ଅଞ୍ଚଳରେ ସିଆରପିଏଫ୍‌ଙ୍କ କ୍ୟାମ୍ପ ରହିଛି । ଏଥିଯୋଗୁ ମିଶିର ବେସରାଙ୍କ ଚିନ୍ତା ବଢ଼ି ଯାଇଥିବା କୁହାଯାଉଛି ।

ତେବେ ଯବାନଙ୍କ ଘେରାବନ୍ଦୀ ଭାଙ୍ଗିବାକୁ ମାଓବାଦୀମାନେ ଜଙ୍ଗଲ ଭିତରେ ଲୁଚିରହି ଅତର୍କିତ ଘାତକ ଆକ୍ରମଣ କରିପାରନ୍ତି ବୋଲି ବି ଆଶଙ୍କା କରାଯାଉଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ଦିନ କମ୍ବିଂ ଅପରେସନ୍ ବେଳେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଯୋଗୁ ଜଣେ ଯବାନ ସହିଦ ହେବା ସହିତ ଦୁଇଜଣ ଯବାନ ଗୁରୁତର ହେଇଥିଲେ । ଏହି ଘଟଣା ପରେ ସିଆରପିଏଫ୍‌ଙ୍କ ପକ୍ଷରୁ ନକ୍ସଲବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି । ପୁଲିସ ଓ ସିଆରପିଏଫ୍ ପକ୍ଷରୁ ଘନଘନ ବୈଠକ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି । ସରଣ୍ଡାରେ ସିପିଆଇ ମାଓବାଦୀ ପକ୍ଷରୁ ପୁଣିଥରେ ସେମାନଙ୍କ ସଂଗଠନକୁ ମଜଭୁତ୍ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ୨୦୦୧ରୁ ୨୦୧୧ ପର୍ଯ୍ୟନ୍ତ ବିଶାଳ ଓ ଘଞ୍ଚ ସରଣ୍ଡା ଜଙ୍ଗଲ ନକ୍ସଲମାନଙ୍କ ନିରାପଦ ଆଶ୍ରୟସ୍ଥଳ ଥିଲା । ୨୦୧୧ରେ ପୁଲିସ ପ୍ରାୟ ଏକମାସ ଧରି 'ଅପରେସନ ଆନାକୋଣ୍ଡା' ଚଳାଇ ସରଣ୍ଡାରୁ ନକ୍ସଲଙ୍କୁ ତଡ଼ିବାରେ ସଫଳ ହୋଇଥିଲା । କିନ୍ତୁ ସତ ହେଉଛି, ଆଜି ମଧ ନକ୍ସଲମାନେ ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ସରଣ୍ଡା ଜଙ୍ଗଲକୁ କରିଡର ଭାବରେ ବ୍ୟବହାର କରୁଛନ୍ତି ।

ସରଣ୍ଡାରୁ ପଳାଇବା ପରେ ନକ୍ସଲମାନେ କୋହ୍ଲଣ ସଂରକ୍ଷିତ ଘଞ୍ଚଜଙ୍ଗଲ ଅଞ୍ଚଳକୁ ନିଜର ନୂଆ ଠିକଣା କରିଛନ୍ତି । ସେଥିପାଇଁ ପୁଲିସ ଓ ସିଆରପିଏଫ୍ କୋହ୍ଲଣ ଜଙ୍ଗଲର ବିଭିନ୍ନ ଅଞ୍ଚଳରେ ନିଜର କ୍ୟାମ୍ପ ପ୍ରତିଷ୍ଠାକରି ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନ ଜାରିରଖିଛନ୍ତି । ଏହି ଅଭିଯାନରେ ଗତମାସ ପୁଲିସ ନକ୍ସଲମାନଙ୍କ ସବୁଠୁ ବଡ଼ ଅଣ୍ଡରଗ୍ରାଉଣ୍ଡ ବଙ୍କରକୁ ଭାଙ୍ଗି ସେମାନଙ୍କ ସ୍ଥାୟୀଘରକୁ ପ୍ରାୟ ଧ୍ୱଂସ କରିଦେଇଛି । ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ ମାଓବାଦୀମାନେ ବର୍ତ୍ତମାନ କୋହ୍ଲଣ ଓ ସରଣ୍ଡା ଜଙ୍ଗଲରେ ଶେଷଯୁଦ୍ଧ ଲଢ଼ୁଛନ୍ତି ।

ଗୁଇନ୍ଦା ସୂଚନା ଅନୁସାରେ, ସୁରକ୍ଷାବାହିନୀର କ୍ରମାଗତ ଅଭିଯାନ ଯୋଗୁ ମାଓବାଦୀଙ୍କ ମନୋବଳ ଭାଙ୍ଗିବା ସହ କ୍ୟାଡରସଂଖ୍ୟା ବି ହ୍ରାସ ପାଉଛି । ତେଣୁ କୁଖ୍ୟାତ ମାଓନେତା ଅନ୍‌ମୋଲ ଓରଫ୍ ଲାଲଚାନ୍ଦ ହେମ୍ବ୍ରମ ଓରଫ୍ ସୁଶାନ୍ତ ଓରଫ୍ ସମରଜୀ ତାଙ୍କର କିଛି ସହଯୋଗୀଙ୍କୁ ସରଣ୍ଡା ଜଙ୍ଗଲର ତିରିଲପୋଷି, ବାଲିବା, ବିଟକିଲସୋଇ, ନୟାଗାଁ, ରତାମାଟି, ରାଇଡିହି, ସମଠା ଇତ୍ୟାଦି ଗ୍ରାମକୁ ପଠାଉଛନ୍ତି । ସେମାନେ ସରଣ୍ଡାର ବିଭିନ୍ନ ଗ୍ରାମରେ ରହୁଥିବା ପୁରୁଣା ନକ୍ସଲସାଥୀ ଓ ତାଙ୍କ ସଂଗଠନର ସମର୍ଥକଙ୍କୁ ଖୋଜୁଛନ୍ତି । ଜେଲ୍‌ରୁ ଫେରିଥିବା ନକ୍ସଲମାନଙ୍କୁ ମଧ ପୁନର୍ବାର ମାଓ ସଂଗଠନକୁ ଫେରିବା ପାଇଁ ବାଧ କରାଯାଉଛି । ମାତ୍ର ପୁରୁଣା ମାଓବାଦୀମାନେ ପୁନର୍ବାର ମାଓ ସଂଗଠନକୁ ଫେରିବା ପାଇଁ ରାଜି ହେଉନାହାନ୍ତି । କିଛି ପୂର୍ବତନ ମାଓବାଦୀ ଗାଁ ଛାଡ଼ି ଅନ୍ୟ ସହରକୁ ପଳାୟନ କରିଛନ୍ତି ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ଖୋର୍ଦ୍ଧା, ୧୯/୧୧ (ନି.ପ୍ର): ସ୍ଥାନୀୟ ହାବେଲୀ ପଡିଆ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଅତିଥି ଭାବେ ଯୋଗ ଦେଇଉଦଘାଟନ କରିଥିଲେ । । ଏଥିରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୦୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ । ଏହି ମେଳାରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ସମ୍ପୂର୍ଣ୍ଣ ବିକାଶ ଦ୍ୱାରା ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ।ସେହିପରି ଚାଷୀଭାଇ ଓ ଭଉଣୀ ମାନଙ୍କ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ପାଳନର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ ବିଧାୟକ । ଏହି ମେଳାରେ ଉପସ୍ଥିତ ଚାଷୀଗଣ ବୈଜ୍ଞାନିକ ଏବଂ ଅଭିଜ୍ଞ ବିଶେଷଜ୍ଞ ମାନଙ୍କ ସହିତ ଭେଟି ସେମାନଙ୍କଠାରୁ ବିଶେଷ ଜ୍ଞାନକୌଶଳ ସମ୍ପର୍କରେ ଆଦାନ ପ୍ରଦାନ କରିଥିଲେ । ଜୀବନ୍ତପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଭୂଲରେ ବିଶେଷ ଆୟୋଜନଦ୍ୱାରା ଚାଷୀଗଣ ବ୍ୟବହାରିକ ଜ୍ଞାନ ଆହରଣ କରିବାର ସୁବିଧା ପ୍ରାପ୍ତ ହେଲେ । ବିଶେଷ କରି ବାୟୋଫ୍ଲକ ଏବଂ ଇ ସି ବ୍ରଏଲର ଫାର୍ମ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ବିଭିନ୍ନ ସଂସ୍ଥା ଯେପରିକି ସିଫା ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ଅନ୍ୟାନ୍ୟ କମ୍ପାନୀ ଗୁଡିକ ମେଳାରେ ଷ୍ଟଲ ଆୟୋଜନ କରିଥିଲେ । ଏହି ଷ୍ଟଲ ଗୁଡିକରେ ଅତ୍ୟାଧୁନିକ ଜ୍ଞାନ ଏବଂ ବ୍ୟବହାରିକ କୌଶଳ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । ଅଗ୍ରଣୀ ଚାଷୀ ମାନଙ୍କର ଉତ୍ସାହ ବୃଦ୍ଧି ନିମନ୍ତେ ସେମାନଙ୍କର ପରିଶ୍ରମ ଓ ଆଗ୍ରହକୁ ସମ୍ମାନ ଦେଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି ମେଳାରେ ଆମୂଳଚୂଳ ଭାବେ ସଂଶ୍ଲିଷ୍ଟ ରହି ବିଭିନ୍ନ ଷ୍ଟଲଗୁଡିକ ବୁଲି ଦେଖିବା ସହିତ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ, ଖୋର୍ଦ୍ଧା ରୂପଶ୍ରୀ ରାଣୀ ଗୁମାନସିଂ, ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଧକ୍ଷ କନକଲକ୍ଷ୍ମୀ ମହାନ୍ତି ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ ।

# ଜ୍ୟୋତିର୍ବିଦଙ୍କ ବିୟୋଗରେ ଜିଲ୍ଲା ବ୍ରାହ୍ମଣ ମହାସଭାର ଶୋକସଭା

ବଲାଙ୍ଗୀର, ୧୯/୧୧ (ନି.ପ୍ର): ଆଜି ପୂର୍ବାହ୍ନ ଏଗାର ଘଂଟା ସମୟରେ ନୃସିଂହ ମନ୍ଦିର ପରିସରରେ ସ୍ୱର୍ଗତ ଟିକେଶ୍ୱର ଗୁରୁଙ୍କ ବିୟୋଗରେ ତାଙ୍କର ଶ୍ରୁତି ଚାରଣ କରି ଏକ ଶୋକସଭା ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା । ସର୍ବପ୍ରଥମେ ସ୍ୱର୍ଗତ ଗୁରୁଙ୍କ ଫଟୋ ଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ, ପରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଅମର ଆତ୍ମାର ସଦ୍‌ଗତି ସକାଶେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ତା ପରେ କ୍ରମାନ୍ୱୟରେ ଜୟରାମ ମିଶ୍ର, ସମ୍ପାଦକ, ନୀଳମଣି ମିଶ୍ର, ବରିଷ୍ଠ ଉପଦେଷ୍ଟା, ସତ୍ୟବନ୍ତ ବେଦବାକ, ଅନ୍ୟତମ ଉପଦେଷ୍ଟା, ଆହ୍ଲାଦ ପୂଜାରୀ, ଶ୍ୟାମସୁନ୍ଦର ଦାଶ, ଶୁଭେନ୍ଦ୍ର ନେପାକ, ସହ ସମ୍ପାଦକ, ନରେନ୍ଦ୍ର ଆଚାର୍ଯ୍ୟ, କିଶୋର ପୁରୋହିତ, କିଶୋର ମୋହନ ମିଶ୍ର, ଗୋପବନ୍ଧୁ ଶତପଥି(ବରିଷ୍ଠ ସାମ୍ବାଦିକ), ଦାମୋଦର ଓତା ଆଦି ଗୁରୁ ମହାଶୟଙ୍କ ସ୍ମୃତିଚାରଣ କରିଥିଲେ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସବା ଶେଷରେ ସଭାପତି ଧନଞ୍ଜୟ ମିଶ୍ର ସ୍ମୃତିଚାରଣ ପୂର୍ବକ ସଭା ସାଙ୍ଗ ଘୋଷଣା କରିଥିଲେ । ଉକ୍ତ ଶୋକ ସଭାରେ ଆହୁରି ଅନେକ ସଭ୍ୟ ଉପସ୍ଥିତ ଥିଲେ ଏବଂ ସ୍ୱର୍ଗତ ଆମର ଆତ୍ମାର ସଦ୍ଗତି କାମନା କରିଥିଲେ ।

# ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ୭୦ତମ ସର୍ବ ଭାରତୀୟ ସମବାୟ ସପ୍ତାହ ମହୋତ୍ସବ ପାଳିତ

କନ୍ଧମାଳ, ୧୯/୧୧ (ନି.ପ୍ର): ଫୁଲବାଣୀ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲା ସମବାୟ ବିଭାଗ ଓ ଜିଲା ସମବାୟ ସଂଘ ପକ୍ଷରୁ ୭୦ ତମ ସର୍ବ ଭାରତୀୟ ସମବାୟ ସପ୍ତାହ ୨୦୨୩ ପାଳନ ସମବାୟ ସଂଘର ସଭାନେତ୍ରୀ ସୁପ୍ରଭା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରଦନ ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଫୁଲବାଣୀ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାଏ, ଏମସିଏସ ଟିକାବାଲିର ସଭାପତି ଲମ୍ବୋଦର କହଁର ବୌଦ୍ଧ ସମବାୟ ବ୍ୟାଙ୍କର ସଭାପତି ଅଜୟ ପ୍ରଧାନ, ରାଜ୍ୟ ସମବାୟ ସଂଘର ସଭ୍ୟ କିଶୋର ମେହେର, ଲିଡବ୍ୟାଙ୍କ ମ୍ୟାନେଜର,ଏଜିଏମ ନାବାର୍ଡ଼ା ଏବଂ ଜିଲା ସମବାୟ ସମିତି ସମୂହ ଉପ ନିବନ୍ଧକ ଯୁଗଳ କିଶୋର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲାର ୨୪ଟି ଲ୍ୟାମ୍ପସ ଓ ୨୪ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫୁଲବାଣୀ ସର୍କଲର ଜି. ଉଦୟଗିରି ଲ୍ୟାମ୍ପସ ଓ ବାଲିଗୁଡାର ବ୍ରାହ୍ମଣୀ ଗାଁ ଲ୍ୟାମ୍ପସକୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଜିଲା ସଫଳ ଓ ସହଯୋଗୀ ପରିଚାଳନା ନିର୍ଦ୍ଦେଶକ ଭାବେ ଉଲ୍ଲେଖନୀୟ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିବାରୁ ମଂଚରେ ଅତିଥିମାନେ ଫୁଲବାଣୀ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ ଟ୍ରଫି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସମବାୟ ସମ୍ପର୍କରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଂଚରେ ସମ୍ବର୍ଦ୍ଧନା ଦିଆଯାଇଥିଲା । କୃଷି ଓ କୃଷକ ତଥା ବିଭିନ୍ନ ଉତ୍ପାଦକ ଓ ବ୍ୟବସାୟ ଗୋଷ୍ଠୀ ପାଇଁ ସମବାୟ ସମିତି ଗଠନ କରିବାକୁ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ । ଜିଲ୍ଲାରେ ସମବାୟ ଆନ୍ଦୋଳନ ଗଢି ତୋଳିବାକୁ ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଡିଆରସିଏସ ସୂଚନା ଦେଇଥିଲେ । ଲ୍ୟାମ୍ପସ ପକ୍ଷରୁ ଚାଷୀମାନଙ୍କୁ ବିନା ସୁଧରେ ଏକ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଉଥିବା ବେଳେ ତାର ସୁଯୋଗ ନେବାକୁ ସୂଚନା ଦେଇଥିଲେ । ଜିଲ୍ଲା ସମବାୟ ସଂଘର ଉପସଭାପତି କିଶୋର ନାୟକ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫୁଲବାଣୀ ଏଆରସିଏସ ଲଳିତ ମାଝୀ, ଏସଏଆରସିଏସ ଗଙ୍ଗାଧର କହଁର ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ । ଜିଲ୍ଲାର ପ୍ରତି ବ୍ଲକରୁ ପ୍ରାଥମିକ ସମବାୟ ସମିତିର ସଭାପତି, ପରିଚାଳନା ନିର୍ଦ୍ଦେଶକ, ଚାଷୀ ଭାଇମାନେ ଓ ଗଣମାଧମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଖୁଜେନ ପାଲି ମଦଭାଟି ପାଖରେ ଯୁବକର ଝୁଲନ୍ତା ମୃତ ଦେହ ଉଦ୍ଧାର

ବଲାଙ୍ଗୀର, ୧୯/୧୧ (ନି.ପ୍ର): ବଲାଙ୍ଗୀର ସଦର ଥାନା ଖୁଜେନପାଲି ଦେଶୀ ମଦଭାଟି ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୋଲିସ । ଖବର ନେବା ପର୍ଯ୍ୟନ୍ତ ମୃତ ଯୁବକଙ୍କୁ ପରିଚୟ ମିଳିପାରି ନାହିଁ । ଏକ ଗଛରେ ଦଉଡିରେ ଲାଗି ଯୁବକଙ୍କ ଶବ ଝୁଲୁଥିବା ଜଣାପଡ଼ିଛି । ସବୁଠାରୁ ବଡ଼ କଥା ହେଲା, ଶବର ଦୁଇଗୋଡ଼ ମାଟିରେ ଲାଗିଥିବା ଯୋଗୁଁ ଯୁବକ ଜଣକ ଆତ୍ମହତ୍ୟା କାଟିଛନ୍ତି ନା ହତ୍ୟା ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି, ତାହା ସ୍ପଷ୍ଟ ହୋଇନାହିଁ । ସଦର ପୋଲିସ ଜୋର୍‌ସୋର୍ ତଦନ୍ତ କରୁଥିବା ପ୍ରକୃତ କାରଣ ଘଟଣା ଖୋଜୁଥିବା ଜଣାପଡ଼ିଛି ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ: ୧୭,୩୦୦,୦୦କୁଇଟାଂଲ ଧାନ ସଂଗ୍ରହ ଲକ୍ଷ୍ୟ

କେନ୍ଦୁଝର , ୧୯/୧୧ (ନି.ପ୍ର): ୨୦୨୩-୨୪ ବର୍ଷ ଲାଗି ଖରିଫ ଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟିର ବୈଠକ ଶିନିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ ଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଶିଷ ଠାକରେ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରି ପାତ୍ର , ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ , ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା , କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ର ସଭାପତି କାନନ ବିହାରୀ ପହୀ ଙ୍କ ସହ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତିତ ସମସ୍ତ ଉପ ଜିଲ୍ଲାପାଳ , ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଅଜୟ କୁମାର ରଥଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ , ନିୟନ୍ତ୍ରିତ ବଜାର କମିଟି ସଂପାଦକ , ଏ ଫ.ସି.ଆଇ. କର୍ମକର୍ତ୍ତା , ମିଲର ଏବଂ ଚାଷୀ ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲପାଳ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସଂପର୍କରେ ଆଲୋକପାତ କରିଥିଲେ । ଏହି ବର୍ଷ ପାଇଁ ସରକାର କେନ୍ଦୁଝର ଜିଲ୍ଲା ପାଇଁ ପ୍ରଥମ ପର୍ଯ୍ୟାୟରେ ୧୭,୩୦,୦୦୦ କୁଇଟାଂଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଜିଲ୍ଲାପାଳ ଏଥିପାଇଁ ସବୁ ବିଭାଗ ଯଥା ଯୋଗାଣ , ସମବାୟ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । କୈଣସି ଚାଷୀ ଯେପରି ଧାନ ବିକ୍ରୟ ସମୟରେ କିମ୍ବା ସେମାନଙ୍କ ପ୍ରାପ୍ୟ ପାଇବାରେ ହଇରାଣ ହରକତ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ହା ବାଦ ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ଶୃଙ୍ଖଳିତ ଭାବେ ହୋଇ ପାରିବ ସେଥିପାଇଁ ସମସ୍ତ ଉପ ଜିଲ୍ଲପାଳ ମାନଙ୍କୁ ତଦାରଖ କରିବା ଦାୟିତ୍ୱ ଦେଇଥିଲେ । ବୈଠକର ନିଷ୍ପତି ଅନୁଯାୟୀ ଆଗାମୀ ଡିସେମ୍ବର ୧୧ ତାରିଖରେ କେନ୍ଦୁଝର ଏବଂ ଚମ୍ପୁଆ ସବଡିଭିଜନ ଓ ୧୫ ତାରିଖରୁ ଆନନ୍ଦପୁର ସବଡିଭିଜନରେ ଧାନ ସଂଗ୍ରହ କେନ୍ଦ୍ର ମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହେବ । ଧାନ ସଂଗ୍ରହ ପ୍ରକ୍ରିୟା ୪୬ ଗୋଟି ଲ୍ୟାମ୍ପ ଲ୍ୟାମ୍ପ ଅଧିନରେ ୯୦ ଟି କେନ୍ଦ୍ର ରେ ଅନୁଷ୍ଠିତ ହେବା ସ୍ଥିରିକୃତ ହୋଇଛି । ଏହି ପ୍ରକ୍ରିୟା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ ନିଷ୍ପତି ହୋଇଛି । ସମସ୍ତ ଧାନ ସଂଗ୍ରହ କେନ୍ଦ୍ର ମାନଙ୍କୁ ଆବଶ୍ୟକ ଧାନ ଓଜନ ଯନ୍ତ୍ର ସହିତ ଅନ୍ୟାନ୍ୟ ଯନ୍ତପାତି ଯୋଗାଇ ଦେବାକୁ ନିୟନ୍ତ୍ରିତ ବଜାର କମିଟିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ସାଧାରଣ ମାନ ଧାନର ମୂଲ୍ୟ କୁଇଟାଂଲ ପ୍ରତି ୨୧୮୩ ଟଙ୍କା ଏବଂ ଏ ଗ୍ରେଡ ଧାନର ମୂଲ୍ୟ କୁଇଟାଂଲ ପ୍ରତି ୨୨୦୩ ଟଙ୍କା ଧାଯ୍ୟ୪ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ଅଜୟ ରଥ ସୂଚନା ଦେଇଛନ୍ତି ।

# ଚିତ୍ରକୋଣ୍ଡା ଶିଶୁ ମନ୍ଦିରରେ ଏକବିଂଶତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ମାଲକାନଗିରି, ୧୯/୧୧ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ଏକବିଂଶତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ ହୋଇଯାଇଛି । ଉକ୍ତ ବାର୍ଷିକ କ୍ରୀଡ଼ା ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକା, ସମ୍ମାନିତ ଅତିଥିଭାବେ ମିତଲ ନିପଲ ଷ୍ଟିଲ ଇଣ୍ଡିଆ ଲିମିଟେଡ଼ କମ୍ପାନୀର ବରିଷ୍ଠ ସଂଯୋଜକ ନବିନି ଆମାଙ୍ଗଙ୍କ ସମେତ ବିଦ୍ୟାଳୟର ସଭାପତି ଖିରୋଦ ବେହେରା, ସମ୍ପାଦକ ଶଶାଙ୍କ ଶେଖର କର, କୋଷାଧକ୍ଷ ହେମନ୍ତ କୁମାର ନାୟକ, ଉପଦେଷ୍ଟା କମିଟି ସଦସ୍ୟ ରତ୍ନାକର ପ୍ରଧାନ, ଉତ୍ତମ ରାଏ ଏବଂ ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ତଥା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକବିଂଶତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶିକ୍ଷା ବିକାଶ ସମିତି ଯୋଜନା ଅନୁଯାୟୀ ବିଦ୍ୟାଳୟ ପରମ୍ପରାଧି ମୁତାବକ ଉଦଘାଟନ ହୋଇଥିଲା । ବିଦ୍ୟାଳୟରେ ଖେଳ ପ୍ରତିଯୋଗିତା ହେଉଥିବା ନେଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଖେଳ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କ ଭିତରେ ଶାରୀରିକ, ମାନସିକ, ତଥା ବୌଦ୍ଧିକ ବିକାଶ ସହିତ ନିଜ ନିଜ ଭିତରେ ଭାତୃଭାବ ତଥା ଏକଦା ଜାଗ୍ରତ ହୋଇ ପାରିବ । ଏହି କ୍ରମରେ ସ୍ୱାଗତଂ ଭାଷଣ, ବନ୍ଦନା, ଶପଥ ପାଠ ତଥା ବନ୍ଦେ ମାତରଂ ଧ୍ୱନି ସହିତ ଚିତ୍ରକୋଣ୍ଡା ଖେଳ ପଡ଼ିଆରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଯଥା ଶହେ, ଦୁଇ ଶହ, ଚାରି ଶହ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟଫୁଟ ଥ୍ରୋ, ଚାମଚ ବାଟି, ଦୌଡ ଗଣିତ ଆଦି ଖେଳ ପ୍ରତିଯୋଗିତା ଗୋଟିଏ ପରେ ଗୋଟିଏ କରାଯାଇଥିଲା । ଭଲ ପ୍ରଦର୍ଶନ କରିଥିବା ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ଷିକ ଉତ୍ସବ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯିବା ।ବାର୍ଷିକ କ୍ରୀଡ଼ା ଉତ୍ସବକୁ ସମାରୋହ ସମାପନ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟ ର ଗୁରୁଜୀ ଭାସ୍କର ଗୁଡ଼ିଆ ,ସୁବାସ ମାଝୀ, ସୌମ୍ୟ ରଞ୍ଜନ ଗୁଡ଼ିଆ, ଗୁରୁମା ସବିତା ମହାପାତ୍ର, ସରସ୍ୱତୀ ପଣ୍ଡା, ସଂଯୁକ୍ତା ପଟ୍ଟନାୟକ, କେ ଭାରତୀ ରାଓ, ଅନ୍ୟ ସାଥି ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ ।

# ନିୟନ୍ତ୍ରଣ ବାହାରେ ଲଘୁଖଣିଜ ସମ୍ପଦ ଲୁଟ୍: ବିନା ଟିପିରେ ବାଲି, ମୋରମ୍, ପଥର ଚାଲାଣ

ଯାଜପୁର/ଚଢ଼େଇଧରା, ୧୯/୧୧ (ନି.ପ୍ର): ଲଘୁ ଖଣିଜ ଚୋରା ଚାଲାଣର ପେଣ୍ଠ ପାଲଟିଛି ଯାଜପୁର ଜିଲ୍ଲା । ଚୋରି ଉପରେ ଅଙ୍କୁଶ ଲଗାଇବାକୁ ସରକାର ଲଘୁ ଖଣିଜ ସଂପଦକୁ ରାଜସ୍ୱ ବିଭାଗ ହାତରୁ କାଢ଼ି ମାର୍ଚ୍ଚ ମାସରେ ଖଣି ବିଭାଗକୁ ଦାୟିତ୍ୱ ଦେଇଥିଲେ । ଖଣି ବିଭାଗ ଅଧୀନରେ ଲଘୁ ଖଣିଜ ସମ୍ପଦ ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଖୋଲାଗଲା । ହେଲେ ସରକାରଙ୍କ ଏହି ନିଷ୍ପତ୍ତି ମହରଗରୁ ଯାଇ କାନ୍ତାରରେ ପଡ଼ିବା ଭଳି ହୋଇଛି । ନଦୀଶଯ୍ୟାକୁ ବାଲି ମାଫିଆ କବ୍‌ଜାକୁ ନେଇଯାଇଥିବା ବେଳେ ପାହାଡ଼ ଓ ହୁଡ଼ିଗୁଡ଼ିକୁ ପଥର ବେପାରୀ ଖୋଳିତାଡ଼ି ଧ୍ୱଂସ କରିବାରେ ଲାଗିଛନ୍ତି । ମାଟି, ମୋରମ୍ କଥା ନକହିବା ଭଲ । ଏଭଳି ସ୍ଥିତିରେ ଯାଜପୁର ଟାଉନ୍‌ରେ ଖୋଲାଯାଇଥିବା ଲଘୁ ଖଣିଜ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଚୁପ୍ ବସିଛି । ଜିଲ୍ଲାର ଯାଜପୁର, ରସୁଲପୁର, ବ୍ୟାସନଗର, ବରୀ ଓ ବିଂଝାରପୁର ତହସିଲ ଅଞ୍ଚଳରେ ବୈତରଣୀ, ବୁଢ଼ା, ବ୍ରାହ୍ମଣୀ, ଖରସ୍ରୋତା ଓ ବିଭିନ୍ନ ଶାଖାନଦୀର ଶଯ୍ୟା ବାଲି ମାଫିଆଙ୍କ କବ୍‌ଜାରେ ରହିଛି । ମେସିନ ଲଗାଇ ଦୈନିକ ଲକ୍ଷ ଲକ୍ଷ ଟନ୍ ବାଲି ଏଠାରୁ ଚୋରା ଚାଲାଣ ହେଉଛି । ଲିଜ୍ ଓ ରାଜସ୍ୱ ଆଦାୟରୁ ମୁକ୍ତ ହୋଇଥିଲେ ହେଁ ଏନ୍‌ଫୋର୍ସମେଣ୍ଟ ଦାୟିତ୍ୱରେ ପୂର୍ବଭଳି ତହସିଲ,ପୁଲିସ ଓ ଅନ୍ୟାନ୍ୟ ବିଭାଗ ରହିଛି । ମାତ୍ର ଏହି ବିଭାଗଗୁଡ଼ିକ ଚୋରି ରୋକିବା ପରିବର୍ତ୍ତେ ଭିତିରି ସହଯୋଗ କରୁଛନ୍ତି । ସେହିପରି ଧର୍ମଶାଳା ତହସିଲରେ ପଥର ମାଫିଆ ଧ୍ୱଂସଲୀଳା ଚଳାଇଛନ୍ତି । ଡଙ୍କାରୀ, ରାହାଡ଼ପୁର, ବରଡ଼ା, ମାଳଗୋଡ଼ା, ବାରମାଣ, ବାଘୁଆ, ବାଜବାଟି, ଆରୁହା ଓ କୁସୁନପୁର ମୌଜାରେ ଥିବା କଳାପଥର ପାହାଡ଼ଗୁଡ଼ିକ ସଫା ହେବାକୁ ବସିଲାଣି । ଏପରିକି ଜଙ୍ଗଲ ଓ ରାଜସ୍ୱ ଜମିରୁ ବେଆଇନ ଖନନ ହେଉଛି । ମୋଟ ୭୯ କଳାପଥର ସୈରାତ ମଧ୍ୟରୁ ମାତ୍ର ୨୭ଟି ସୈରାତ ବୈଧ ରହିଛି । ଲିଜ୍ ଦିଆଯାଉ କିମ୍ବା ନ ଦିଆଯାଉ ସବୁ ଖାଦାନରୁ ଖନନ ଚାଲିଛି । ନାମକୁ ମାତ୍ର ତହସିଲ ପକ୍ଷରୁ ଚଢ଼ଉ କରାଯାଉଛି । ମେସିନ ଜବତ ପରେ ମାମଲା ରୁଜୁ ନକରି ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଛି । ପଥରମାଫିଆ ଓ ପ୍ରଶାସକଙ୍କ ଲୁଚକାଳି ଖେଳ ପାଇଁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି । ଦୈନିକ ଡ୍ରିଲିଂ ଓ ବ୍ଲାଷ୍ଟିଂ ଯୋଗୁଁ ଆଖପାଖର ଜନବସତି ଥରି ଉଠୁଛି । ରାହାଡ଼ପୁର, ଡଙ୍କାରୀ, ବିଛାଖଣ୍ଡି, ମାଳଗୋଡ଼ା ପାହାଡ଼ରେ ଶହଶହ ପୋକଲେନ୍, କମ୍ପ୍ରେସର ଖନନରେ ଲାଗିଛନ୍ତି । କେତେକ ସ୍ଥାନରେ ଓ୍ୱାଗାନ ବ୍ଲାଷ୍ଟିଂ ହେଉଛି । ଖଣି ବିଭାଗ ଜିପିଏସ୍ ଲିଙ୍କ୍ ଥିବା ସୈରାତ ଓ ନିକଟବର୍ତ୍ତୀ ଅଞ୍ଚଳରେ ସାଟେଲାଇଟ ସର୍ଭେ ଦ୍ୱାରା ତଦନ୍ତ କରିବାକୁ ଦାବି ହେଉଛି । ସେହିପରି ବୈଧ ସୈରାତଗୁଡିକ ମଧ୍ୟରୁ ଅନେକ ଟିପି ନନେଇ ଖନନ କରୁଥିବା ବେଳେ ଖଣି ବିଭାଗ ନିରବ ରହିଛି । କେତେକ ପଥର ବେପାରୀ ତହସିଲର ଓ୍ୱାଇଫର୍ମକୁ ଜାଲ କରିଥିବା ବେଳେ ଆଉ କିଛିଜଣ ବିନା ଓ୍ୱାଇଫର୍ମ ଓ ବିନା ଟିପିରେ କାମ ଜାରି ରଖିଛନ୍ତି । ମାଫିଆରାଜ ପାଇଁ ଜିଲ୍ଲାରେ ଆଇନ ଶୃଙ୍ଖଳା ମଧ ବିଗିଡ଼ିବାରେ ଲାଗିଛି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୧୯/୧୧ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ପକ୍ଷରୁ ଆଜି "ମିଲେଟ୍ ଦି ଫ୍ୟୁଚର୍ ଫୁଡ୍" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରା ସଭାପତିତ୍ୱ କରି ମିଲେଟ୍ ଜାତୀୟ ଫସଲ ଏବଂ ଏହାର ଖାଦ୍ୟରେ ଗରୁତ୍ୱ ଉପରେ ଅଭିଭାଷଣ ଦେଇଥିଲେ । ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପିକା ପ୍ରଫେସର୍ ସ୍ନେହଲତା ମହାନ୍ତି ମୁଖ୍ୟବକ୍ତା ଭାବେ ଉପେକ୍ଷିତ ମିଲେଟ୍‌କୁ କାହିଁକି ସୁପର ଫୁଡ କୁହାଯାଉଛି, ତା ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ମିଲେଟ୍‌କୁ ସ୍ଥାନ ଦେବା ପାଇଁ ଉପଦେଶ ଦେଇଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧାପିକା ମଞ୍ଜୁଶ୍ରୀ ସ୍ୱାଇଁ ଆବାହମାନ କାଳରୁ ମିଲେଟ୍‌ର ବ୍ୟବହାରିତା ଏବଂ ଏହାର ପରିବେଶ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟା ଅଧାପିକା ସବିତା ଦାସ ଅତିଥି ପରିଚୟ ଦେବା ସହିତ ପୁଷ୍ଟି ଶସ୍ୟ ମିଲେଟ୍ ସମ୍ପର୍କରେ ପ୍ରାରମ୍ଭିକ ମତ ରଖିଥିଲେ ।

# କୋଳଥ

ମୁଗ ବିରି ପରି କୋଳଥ ଏକ ଡାଲି ଜାତୀୟ ରବି ଫସଲ। ଏହି ଡାଲି ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟପ୍ରଦ। ତେବେ ଏହା ପଶୁମାନଙ୍କ ଆହାର ହୋଇଥିବାରୁ ଏହି ଡାଲି ଖାଇବାକୁ କେତେକ ନାପସନ୍ଦ କରିଥାନ୍ତି। ତଥାପି ଏହାର ଆଦର କିଛି କମ୍ ନୁହେଁ। ପ୍ରୋଟିନ, ଆଇରନ ଏବଂ କାର୍ବୋହାଇଡ୍ରେଟସରେ ଏହା ଭରପୁର। ଏହା ମେଦବହୁଳତା ତଥା ଓଜନ ହ୍ରାସ କରିଥାଏ। ଏଥିରେ ଥିବା ଫାଇବର୍ ରକ୍ତଚାପ ଏବଂ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟକ ହୋଇଥାଏ। ମହିଳାମାନଙ୍କ ମାସିକ ସମସ୍ୟାକୁ ଏହା ଦୂରକରେ, ଥଣ୍ଡା ଜ୍ୱରରୁ ମଧ୍ୟ ଆରାମ ଦିଏ।





ଆୟୁର୍ବେଦିକ୍ ଔଷଧରେ କୋଳଥର ବିଭିନ୍ନ ପ୍ରୟୋଗ ରହିଛି। ଭାରତରେ ଏହାର ଚାଷବାସ ବେଶ୍ ପୁରୁଣା। ଭାରତରୁ ଏହା ଦକ୍ଷିଣପୂର୍ବ ଏସିଆ ଏବଂ ଆଫ୍ରିକା ଯାଇଥିବା କୁହାଯାଏ। ଏବେ ଜାଣନ୍ତୁ କୋଳଥର କିଛି ଔଷଧୀୟ ଉପଚାର।

- କୋଳଥର କାଢ଼ା ପ୍ରସ୍ତୁତ କରି ସେବନ କରିବା ଦ୍ୱାରା ବାତ ସମସ୍ୟା ଦୂରହୁଏ। ତେବେ ଏହି କାଢ଼ାରେ ଗୋଲମରିଚ ଗୁଣ୍ଡ ପକାଇ ପିଇବା ଦ୍ୱାରା ଗଳା ସମସ୍ୟାରୁ ରକ୍ଷା ମିଳେ।

- କୋଳଥ ଡାଲି ଖାଇବା ଦ୍ୱାରା ଅନେକ ପେଟରୋଗର ଉପଶମ ହୁଏ।

- ଏହାର କାଢ଼ାରେ ହେଙ୍ଗୁ ଏବଂ ଶୁଣ୍ଠିଗୁଣ୍ଡ ସହ ସାମାନ୍ୟ ଲୁଣ ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ସେବନ କରିବା ଦ୍ୱାରା ପେଟ ଯନ୍ତ୍ରଣା ଦୂରହୁଏ।

- ଅତିସାର ଭୋଗୁଥିବା ରୋଗୀଙ୍କ ପାଇଁ କୋଳଥର କଅଁଳିଆ ପତ୍ରର ରସ ଉପକାରୀ ସିଦ୍ଧ,ହୋଇଛି।

- ଶ୍ୱାସରୋଗୀମାନଙ୍କ ପାଇଁ କୋଳଥ ଉପକାରୀ। ଏହାକୁ ପାଣିରେ ଭଲ ଭାବରେ ସଝାଇ ସେଥିରେ ସାମାନ୍ୟ ସୈନ୍ଧବ ଲବଣ ଏବଂ ହଳଦୀ ମିଶାଇ ତାକୁ ଛାଣି ଶ୍ୱାସରୋଗୀକୁ ପିଇବାକୁ ଦେଲେ ଉପକାର ହୋଇତାଏ। ଏହା ଦିନକୁ ତିନି ଚାରିଥର ପିଇବାକୁ ଦେବା ଦରକାର।

- କୋଳଥ, ପାଷାଣଭେଦୀ ଏବଂ ଗୋଖାରୁର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା କିଛି ସପ୍ତାହ ମଧ୍ୟରେ ପଥରୀ ରୋଗ ଦୂର ହୋଇଥାଏ। ଏହା ପରିସ୍ରା ସହ ଧୀରେ ଧୀରେ ବାହାରି ଆସିଥାଏ। କୋଳଥ ଡାଲି ଖାଇବା ଦ୍ୱାରା ମଧ୍ୟ ପଥରୀ ସମସ୍ୟା ଦୂରହୁଏ। ଏଥିରେ ଥିବା ଭିଟାମିନ ଏ ପଥରୀକୁ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ। ଥରେ ପଥରୀରେ ପୀଡ଼ିତ ହୋଇଥିବା ରୋଗୀଠାରେ ପୁଣିଥରେ ଏହା ହେବାର ସମ୍ଭାବନା ଥାଏ। ତେଣୁ ଏହା ଭଲ ହେବା ପରେ ମଧ୍ୟ ମଝିରେ ମଝିରେ କୋଳଥ ସେବନ କରିବା ଦରକାର।

- କୋଳଥ ଗଛରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ। ତ୍ୱଚାରେ ତୈଳକୁ ହ୍ରାସ କରିବା ପୁଣି ପରିସ୍ରା ବୃଦ୍ଧି କରିବାର ଗୁଣ ଏହାର ରହିଛି। ଏହା ତରଳ ଝାଡ଼ା, ହେମରେଜ, ହେମୋରଏଡ୍ ପରି ସମସ୍ୟା ଦୂର କରିଥାଏ।

- କୋଳଥକୁ ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଋତୁକାଳୀନ ଯନ୍ତ୍ରଣା ଏବଂ ଲ୍ୟୁକୋରିୟା ପରି ସମସ୍ୟା ଦୂରହୁଏ। ଅନିୟମିତ ଋତୁସ୍ରାବ ହେଉଥିଲେ କୋଳଥର ସୁପ୍ ପ୍ରସ୍ତୁତ କରି ପିଇବା ଦ୍ୱବରା ଲାଭ ମିଳିଥାଏ।

- ଲିଭର ଦୁର୍ବଳ ଥିବା ବ୍ୟକ୍ତି ପାଇଁ ଠେକଳଥ ଡାଲି ଉପକାରୀ।

- କିଛି କୋଳଥ ନେଇ ପାଣିରେ ସିଝାନ୍ତୁ। ଏହି ପାଣିରେ ସେବନ ଜ୍ୱର ରୋଗକୁ ହ୍ରାସ କରେ।

- କୋଳଥକୁ ଚୂନା କରି ରଖନ୍ତୁ। ସେହି ଚୂନାରୁ ପ୍ରତିଦିନ ଦୁଇ ଚାମଚ ପାଣିରେ ମିଶାଇ ପିଇବା ଦ୍ୱାରା ତ୍ୱଚାରୁ କୁଞ୍ଚନ ଦୂର ହୋଇଥାଏ।

- ନିୟମିତ କୋଳଥ ଡାଲି ଖାଇବା ଦ୍ୱାରା ମେଦ ହ୍ରାସ ଘଟିଥାଏ। ଦୈନିକ ୧୦୦ ଗ୍ରାମର କୋଳଥଡାଲି ଖାଇବା ଦ୍ୱାରା ମାସକ ମଧ୍ୟରେ ମୋଟାପଣ କମିଯାଏ।

- ଗୋଟେ ଲିଟର ପାଣିରେ ୫୦ ଗ୍ରାମ କୋଳଥ ମିଶାଇ ତାକୁ ଭଲ ଭାବେ ଫୁଟାନ୍ତୁ। ପାଣି ମରି ମରି ଯେତେବେଳେ ମାତ୍ର ଏକ ଚତୁର୍ଥାଂଶ ପାଣି ରହିବ ତାକୁ ଓହ୍ଲାଇ ଛାଣି ଦିଅନ୍ତୁ। ଏଥିରେ ଆବଶ୍ୟକତା ଅନୁଯାୟୀ ସୈନ୍ଧବ ଲବଣ ଏବଂ ଅଧଚାମଚ ଶୁଣ୍ଠିଚୂନା ପକାନ୍ତୁ। ଏହାକୁ ପିଇବା ଦ୍ୱାରା ବାତଜ୍ୱରରୁ ଅରାମ ମିଳିଥାଏ।

- ଚିକିତ୍ସା ବିଶେଷଜ୍ଞଙ୍କ ମତରେ ଶ୍ୱାସ ଏବଂ କଫରୋଗରେ କୋଳଥ ସେବନ



ଲାଭଦାୟକ ହୋଇଥିଲେ ମଧ୍ୟ ଶ୍ୱାସରୋଗୀର କଫ ଯଦି ଶୁଷ୍କ ହୋଇଯାଏ ତେବେ ଏହା ସେବନ କରିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ଅଧିକ କ୍ଷତି ଘଟିଥାଏ। ଗର୍ଭବତୀ ମହିଳାମାନେ କୋଳଥ ନଖାଇବା ଭଲ। ଅତ୍ୟଧିକ ଅମ୍ଳ ପୀଡ଼ିତ ବ୍ୟକ୍ତି କୋଳଥ ନଖାଇବା ଉଚିତ।

# ସ୍ୱାସ୍ଥ୍ୟ ପକ୍ଷେ ହିତ ତାଳି



ଉଚ୍ଚ ରକ୍ତଚାପରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ସାକଳେ ଅଧାଘଂଟା। ଲେଖାଏଁ ତାଳି ମାରିବା ଉଚିତ୍।

- ପ୍ରତିଦିନ ତାଳି ମାରିବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥାଏ। ଏପରି କରିବା ଦ୍ୱାରା ହୃଦୟଜନିତ ରୋଗରୁ ମୁକ୍ତି ମିଳିଥାଏ, ଅତ୍ୟଧିକ ଚର୍ବି ହ୍ରାସ ପାଳଇଥାଏ, ମୋଟାପଣ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

- ତାଳି ମାରିବା ଅଭ୍ୟାସ ରଖିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଫଳରେ ଥଣ୍ଡା, କାଶ ଓ ଜ୍ୱର ଆଦି ରୋଗରୁ ମୁକ୍ତି ମିଳିଥାଏ।

- ପ୍ରତ୍ୟେହ ତାଳି ମାରିବା ଦ୍ୱାରା ଶରୀରରେ ଅମ୍ଳଜାନ ପ୍ରବାହ ସୁଚାରୁରୂପେ ହୋଇଥାଏ।

- ଏହା କରିବାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ।

- ରାତିରେ ନିଦ ହେଉ ନାହିଁ, ରାତି ଅନିଦ୍ରା ହେତୁ ବିଭିନ୍ନ ପ୍ରକାରର ରୋଗମାଡ଼ି ବସୁଛି। ଏଥିପାଇଁ ପ୍ରତିଦିନ ତାଳି ମାରିବାର ଅଭ୍ୟାସ ରଖନ୍ତୁ। ଏପରି କରିବା ଦ୍ୱାରା ଶରୀରରେ ଏମିତି କିଛି ହରମୋନ କ୍ଷରିତ ହୋଇଥାଏ, ଯାହା ରାତିରେ ଭଲ ନିଦ ହେବାର ସାହାଯ୍ୟ କରିଥାଏ।

- ଅନେକ ସମୟରେ ମନରେ ବିଭିନ୍ନ ପ୍ରକାର ଚିନ୍ତା ମାଡ଼ିଥାଏ। ଏହି ଚିନ୍ତା ଯୋଗୁଁ ମୁଣ୍ଡବିନ୍ଧା ହୋଇଥାଏ। ଯେତେ ପ୍ରକାର ଔଷଧ ସେବନ କଲେ ଭଲ ହୋଇନଥାଏ। ସେ କ୍ଷେତ୍ରରେ ପ୍ରତିଦିନ ତାଳି ମାରନ୍ତୁ ମୁଣ୍ଡବିନ୍ଧା ରୋଗରୁ ମୁକ୍ତି ପାଇବେ।

# ହଜମ ସମ୍ବନ୍ଧିତ ସମସ୍ୟା ହେବ ଦୂର: ଗଳା ଦରଜ ହେଉଥିଲେ ବି ଔଷଧ ପରି କରିବ କାମ

ଗୁଜୁରାତି ପ୍ରାୟ ସବୁ ଭାରତୀୟ ରୋଷେଇ ଘରେ ମିଳିଥାଏ । ଏହାର ବ୍ୟବହାର ସାଧାରଣତଃ ଲୋକମାନେ ଖାଇବା ବା ଚା'ର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥାନ୍ତି । ଏହି ଦୁଇଟି କାମ ଅପେକ୍ଷା ଗୁଜୁରାତି ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ଏହାକୁ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦୂର ହୋଇଥାଏ । ତେବେ ଆସନ୍ତୁ ଜାଣିବା ଏହାର ଫାଇଦା ବିଷୟରେ। ଗୁଜୁରାତିକୁ ଆପଣ ଏକ ଉତ୍ତମ 'ମାଉଥ୍ ଫ୍ରେସ୍ନର' ବୋଲି କହିପାରନ୍ତି। ଦାନ୍ତ ଘଷିବା ପରେ ମଧ କିଛି ଲୋକଙ୍କ ମୁହଁରୁ ଦୁର୍ଗନ୍ଧ ବାହାରିଥାଏ। ଏହାକୁ ଦୂର କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର ମାଉଥ୍ ଫ୍ରେସନର ବ୍ୟବହାର କରିଥାନ୍ତି । କିନ୍ତୁ ସେଥିରୁ ମଧ କୌଣସି ଲାଭ ମିଳି ନ ଥାଏ । ଏତେ ସବୁ କରିବା ଅପେକ୍ଷା ଗୋଟିଏ ଗୁଜୁରାତି ଖାଇ ନିଅନ୍ତୁ । ଯାହାର ଫାଇଦା ଆପଣମାନେ ଜାଣି ପାରିବେ । ଆଜିକାଲି



ଲୋକମାନଙ୍କ କ୍ଷେତ୍ରରେ ହଜମ ସମସ୍ୟା ସାଧାରଣ ହୋଇଗଲାଣି । ଏଭଳି ସମସ୍ୟା ଥିଲେ ପ୍ରତିଦିନ ଗୁଜୁରାତି ସେବନ କରନ୍ତୁ । ଏହା ଦ୍ୱାରା ହଜମ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ। ଓଜନ ହ୍ରାସ କରିବା ପାଇଁ ବି ଗୁଜୁରାତି ଖୁବ୍ ଭଲ। ଗଳା ଦରଜ ହେଉଥିଲେ ବା କାଶ ହେଉଥିଲେ ଗରମ ପାଣି ସହିତ ଗୋଟିଏ ଗୁଜୁରାତି, ଖଣ୍ଡେ ଅଦା, ଗୋଟିଏ ଲବଙ୍ଗ ଏବଂ ୩-୪ଟି ତୁଳସୀ ପତ୍ର ଖାଆନ୍ତୁ । ଏପରି କଲେ ଗଳାର ସମସ୍ୟା ଦୂର ହୋଇଥାଏ। ଗୁଜୁରାତି ଖାଇବା ଦ୍ୱାରା ହଜମ ମଧ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ଯେ ଅତ୍ୟଧିକ ଗୁଜୁରାତି ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

# ଘରର କେଉଁ ଦିଗରେ ନିର୍ମାଣ କରିବେ ଷ୍ଟୋରରୁମ୍



ଯଦି ଘର ନିର୍ମାଣ କରିବା ସମୟରେ ସଠିକ୍ ସ୍ଥାନରେ ଷ୍ଟୋର ରୁମ୍ କରିନାହାନ୍ତି, ତେବେ ବାସ୍ତୁଦୋଷ ଉତ୍ପନ୍ନ ହେବା ସହିତ ଅନେକ ସମସ୍ୟା ଉପୁଜିପାରେ। ଏହାକୁ ସର୍ବଦା ଧ୍ୟାନରେ ରଖିବା ଉଚିତ ଯେ, ଯଦି ଘରେ କୌଣସି ଅଦରକାରୀ ଜିନିଷ ଅଛି, ତେବେ ତାହାକୁ ସଜାଡ଼ି ଦେଇ ସଠିକ୍ ସ୍ଥାନରେ ରଖନ୍ତୁ। ଅନୁପଯୋଗୀ ବସ୍ତୁଗୁଡ଼ିକ ଘରର ସକାରାତ୍ମକ ଶକ୍ତିକୁ ଦୁର୍ବଳ କରିଥାଏ। ଏସବୁକୁ ଷ୍ଟୋରରୁମ୍‌ରେ ରଖୀବାକୁ ହୁଏ। ତେଣୁ କେଉଁ ଦିଗରେ ଷ୍ଟୋର ରୁମ୍ ରହିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ଏବଂ କେଉଁ ଦିଗ ଏହା ପାଇଁ ଉଚିତ ନୁହେଁ, ସେ ସମ୍ପର୍କରେ କିଛି ବାସ୍ତୁ ନିୟମ ରହିଛି। ବିଭିନ୍ନ ଦିଗରେ ନିର୍ମିତ ଷ୍ଟୋରରୁମ୍ ବିଭିନ୍ନ ପ୍ରଭାବ ପକାଇଥାଏ। ଏ ସମ୍ପର୍କରେ ଆସନ୍ତୁ ଜାଣିବା।

ଉତ୍ତର ଦିଗ ଧନ ଓ ସୁଯୋଗର କ୍ଷେତ୍ର ଅଟେ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଉଚିତ ନୁହେଁ। ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ପରିବାର ସଦସ୍ୟଙ୍କ କ୍ୟାରିୟରର ବିକାଶ ଓ ଧନ ଆଗମନରେ ବାଧକ ସୃଷ୍ଟି ହୋଇଥାଏ।

ଉତ୍ତର-ପୂର୍ବ ଦିଗକୁ ସବୁବେଳେ ଖୋଲା ରଖୀବା ପାଇଁ ନିୟମ ରହିଛି। ଏହି ଦିଗ ବୁଦ୍ଧି ଓ ମାନସିକ ଶକ୍ତି ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରି ଅଦରକାରୀ ଜିନିଷ ରଖୀବା ଦ୍ୱାରା ନକାରାତ୍ମକ ଚିନ୍ତନ, ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ସୃଷ୍ଟି ହୁଏ।

ପୂର୍ବ ଦିଗରେ ମଧ ଷ୍ଟୋରରୁମ୍ ନିର୍ମାଣ କରନ୍ତୁ ନାହିଁ। କାରଣ ଏହା ସ୍ୱାସ୍ଥ୍ୟ ଓ ଚିନ୍ତାଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ସମାଜିକ କ୍ଷେତ୍ରରେ ବିକାଶରେ ଏହା ବାଧା ଦେଇଥାଏ। ଅନେକ ଚେଷ୍ଟା ପରେ ବି ବ୍ୟକ୍ତି ସଫଳ ହୋଇପାରିନଥାନ୍ତି।

ଦକ୍ଷିଣ ପୂର୍ବ ଦିଗ ଧନ ଆସିବା ଓ ଖର୍ଚ୍ଚ କରିବା ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ଧନ ଆସିବାର ମାର୍ଗ ଅବରୋଧ ହୋଇଥାଏ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଦକ୍ଷିଣରୁ ପଶ୍ଚିମ ଦିଗ ମଧରେ ଭାରୀବସ୍ତୁ ରଖୀବା ପାଇଁ ନିୟମ ରହିଛି। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରିବା ସବୁଠାରୁ ଉତ୍କୃଷ୍ଟ। ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ ହୋଇଥିଲେ ଶକ୍ତି, ଆତ୍ମବିଶ୍ୱାସ ଓ ସୁରକ୍ଷାର ଭାବନା ଆସିଥାଏ। ଅଜଣା ଭୟରୁ ମୁକ୍ତି ଦେବା ସହ ମନକୁ ଶାନ୍ତ ରଖୀଥାଏ।

ପଶ୍ଚିମ ଦିଗରେ ଷ୍ଟୋରରୁମ୍ ନିର୍ମାଣ ମଧ ଉତ୍ତମ ପ୍ରଭାବ ପକାଇଥାଏ। ଏହା ଶିଶୁମାନଙ୍କ କ୍ଷେତ୍ରରେ ସଂସ୍କାରର ମୁଖ୍ୟ ଆଧାର ହୋଇଥାଏ ଏବଂ କ୍ୟାରିୟର ପ୍ରତି ସଜାଗ ରହିବାରେ ସହାୟକ ହୋଇଥାଏ। ଏଠାରେ ଲୁହା ଆଲମାରୀ ଓ ପୁରୁଣା ବାକ୍ସ ଆଦି ରଖୀପାରିବେ। ଉତ୍ତର-ପଶ୍ଚିମ ଦିଗ ସହଯୋଗ ସହିତ ସମ୍ପୃକ୍ତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଅତ୍ୟନ୍ତ ଲାଭଦାୟକ। ଏଠାରେ ନିର୍ମିତ ଷ୍ଟୋରରୁମ୍‌ରେ ଯେକୌଣସି ଜିନିଷ ରଖୀହେବ। ଘରର ବାୟବ୍ୟ କୋଣରେ ନିର୍ମିତ ଷ୍ଟୋରରୁମ୍ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ଦେଇଥାଏ।



# ଚାକିରି ମିଳିବା ପରେ

ଆଜିକାଲି ଚାକିରି ମିଳିବା କଷ୍ଟକର ହୋଇପଡ଼ିଲାଣି। ତେଣୁ ଯଦି ବେସରକାରୀ ଚାକିରିଟିଏ ବି ମିଳିଯାଏ, ତେବେ ବହୁତ ଖୁସି ଲାଗେ। ଚାକିରି ମିଳିବା ପରେ ଏହାକୁ ବଜାୟ ରଖିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଚାକିରିକୁ ସୁରକ୍ଷିତ ରଖିବା ପାଇଁ କ'ଣ କରିବା ଆବଶ୍ୟକ।

- କର୍ମକ୍ଷେତ୍ରରେ ସମୟ ଜ୍ଞାନ ରହିବା ନିହାତି ଆବଶ୍ୟକ। ଅଫିସରେ ଠିକ ସର୍ମୟରେ ପହଞ୍ଚନ୍ତୁ। ବିଳମ୍ବରେ ପହଞ୍ଚିବା ଯୋଗୁଁ ବସ କର୍ମଚାରୀଙ୍କ ଉପରେ ବିରକ୍ତ ହୋଇପାରନ୍ତି। ଯାହା ଆପଣଙ୍କ କାର୍ଯ୍ୟ ଦକ୍ଷତାରେ କୁପ୍ରଭାବ ପକାଇପାରେ।

- ଅଫିସରେ ଦିଆଯାଇଥିବା କାମଗୁଡ଼ିକୁ ନିର୍ଭୁଲ ଭାବରେ କରିବାକୁ ଚେଷ୍ଟା କରନ୍ତୁ। ଏପରି କରିବା ଦ୍ୱାରା ବସ ଆପଣଙ୍କ ଉପରେ ଖୁସି ହେବେ। ଯଦି କାମଗୁଡ଼ିକୁ ସତର୍କତାର ସହିତ ନକରି ଭୁଲରେ କରିବେ, ତେବେ କମ୍ପାନୀର ବିଶ୍ୱାସ ତୁଟିଯିବ। ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆପଣଙ୍କୁ ଦିଆଯିବ ନାହିଁ।

- ଅଫିସରେ ସର୍ବଦା ଅନ୍ୟ ସହକର୍ମୀମାନଙ୍କ ସହ ଉତ୍ତମ ବ୍ୟବହାର କରନ୍ତୁ। ଏହାଦ୍ୱାରା ଅଫିସରେ ସମସ୍ତେ ଆପଣଙ୍କ ଉପରେ ଖୁସି ରହିବେ। ଉପରିସ୍ଥ କର୍ମଚାରୀ ଓ ବସ୍ ତୁମ ଉପରେ ବିଶ୍ୱାସ ରଖିବେ। ଏହାଦ୍ୱାରା କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆସିବା ସମ୍ଭବ ହେବ।

- ଯଦି ଅଫିସରେ ଆପଣଙ୍କୁ ଆବଶ୍ୟକତା ଠାରୁ ଅଧିକ କାମ ଦିଆଯାଇଥାଏ, ତାହେଲେ ନକାରାତ୍ମକ ଚିନ୍ତା କରନ୍ତୁ ନାହିଁ। ଅଫିସରେ ଯେତେ ଅଧିକ କାମ କରିବେ, ଏହା ଆଗକୁ ବଢ଼ିବାରେ ସହାୟକ ହେବ। ଏହାଦ୍ୱାରା



ଭବିଷ୍ୟତରେ ଭଲ ସୁଯୋଗର ସମ୍ଭାବନା ବଢ଼ିଥାଏ।

- ଯଦି ଅଫିସରେ ଅଧିକ କାମର ଚାପ ଥାଏ, ତେବେ ସେହି ସମୟରେ ଆମେ ଅନେକ ଜରୁରି କଥା ଭୁଲିଯାଇଥାଉ। ଏଥିପାଇଁ ନିଜ ପାଖରେ ଏକ ଡାଏରୀ ରଖନ୍ତୁ। ଯଦି ଏମିତି କିଛି ଜରୁରୀ କାମ ଥାଏ, ତେବେ ଡାଏରୀରେ ଲେଖିରଖନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁର୍ଦ୍ଦଶା...

ମଣିପୁରରେ ଘୋର ଅଶାନ୍ତିର ବାତାବରଣ ବଜାୟ ରହିବାକୁ ଛଅ ମାସରୁ ଅଧିକ ସମୟ ବିତିଲାଣି, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମାଧାନର ପନ୍ଥା ବାହାରି ପାରିନାହିଁ । ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଦୁଇ ସମ୍ପ୍ରଦାୟ- ମୈତେଇ ଏବଂ କୁକି-ଜୋମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଏଇ କଳିରେ ବଳି ପଡ଼ି ସାରିଛନ୍ତି ଅନେକ। ତଥାପି ସେମାନଙ୍କ ମଧ୍ୟରେ ବଢ଼ି ଚାଲିଥିବା ଫାଟକୁ ନା ରୋକି ପାରିଛନ୍ତି ରାଜ୍ୟ ସରକାର, ନା ପ୍ରଶମିତ କରି ପାରିଛନ୍ତି କେନ୍ଦ୍ର ସରକାର । ପ୍ରତି ଅଳ୍ପ ଦିନ ଅନ୍ତରରେ ସେଠାରେ ଘଟୁଛି କିଛି ନା କିଛି ହିଂସାକାଣ୍ଡ, ନଚେତ୍ ଦୁଇ ପକ୍ଷ ମଧ୍ୟରୁ କୌଣସି ଗୋଟିଏ ପକ୍ଷ ଦ୍ୱାରା ନିଆଯାଉଛି ହିଂସାକୁ ଉସୁକାଇବା ଭଳି ପଦକ୍ଷେପ, ଯାହା କେବଳ ଉତ୍ତେଜନାମୂଳକ ପରିସ୍ଥିତିକୁ ଆମନ୍ତ୍ରଣ କରୁନାହିଁ, ବରଂ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ରହିଥିବା ଫାଟକୁ ଅଧିକ ପ୍ରସାରିତ କରୁଛି ; ରାଜ୍ୟରେ ପ୍ରତିଷ୍ଠା ହୋଇ ପାରୁନାହିଁ ଶାନ୍ତି । ଭାରତୀୟ ସମ୍ବିଧାନରେ ସ୍ପଷ୍ଟ ଶବ୍ଦରେ ଲେଖା ଅଛି ଯେ ଏଠାରେ ସମସ୍ତଙ୍କ କଥାକୁ ନେତୃବୃନ୍ଦ ଶୁଣିବା ଉଚିତ, ଯେହେତୁ ସମ୍ବିଧାନର ପ୍ରସ୍ତାବନା ବା ପିଆମ୍ବଲ୍‌ରେ ଉଲ୍ଲେଖ କରାଯାଇଛି, 'ଆମେ ଭାରତର ଲୋକମାନେ' ଅର୍ଥାତ୍ ଏହାଦ୍ୱାରା ଦେଶର ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମେତ ସମସ୍ତ ନେତାଙ୍କ ଉପରେ ଦାୟିତ୍ୱଟିଏ ଅର୍ପଣ କରାଯାଇଛି ଦେଶର ଶେଷତମ ବ୍ୟକ୍ତିର କଥାକୁ ମଧ୍ୟ ଶୁଣିବାକୁ । ଲୋକମାନଙ୍କ କଥା ଶୁଣିବା ହେଉଛି ପ୍ରଥମ କାମ, କିନ୍ତୁ ଏହା ଏକ ବିଶାଳ ଦାୟିତ୍ୱ ଯାହାକୁ ଜଣେ ଭାରତୀୟ ନେତା ତା' ସହିତ ବହନ କରିଥାଏ, ଯେତେବେଳେ ସେ କ୍ଷମତାର ସିଂହାସନ ଆରୋହଣ କରେ । ଏଥିରେ କିଛି ଅସ୍ୱାଭାବିକତା ନାହିଁ ଯେ ଏଇ ବିଶାଳ ବିବିଧତାପୂର୍ଣ୍ଣ ଦେଶର କୋଣ ଅନୁକୋଣରେ ବାସ କରୁଥିବା ଲୋକମାନେ କିଛି କିଛି ଦାବି ଉଠାଇବେ, ଯାହା ସ୍ୱତନ୍ତ୍ର ହୋଇଥିବ ଏବଂ ତାକୁ ଉପଯୁକ୍ତ ଉପାୟରେ ସମାଧାନ କରିବାକୁ ହେଲେ ଭାରତୀୟ ନେତାମାନଙ୍କୁ ସେ ସମ୍ବନ୍ଧରେ ପର୍ଯ୍ୟାପ୍ତ ପରିମାଣରେ ବୁଝିବାକୁ ପଡ଼ିବ। ପରନ୍ତୁ, ସୀମାନ୍ତ ରାଜ୍ୟ ମଣିପୁରରେ ଗତ ଛଅ ମାସ ଧରି ଚାଲି ଆସୁଥିବା ବିବାଦୀୟ ଘଟଣାକୁ ବୁଝିବାକୁ କେନ୍ଦ୍ର ସରକାରଙ୍କ ଅନିଚ୍ଛା ଭାବ ସମ୍ପ୍ରତି ଅଧିକ ଜଟିଳ ରୂପ ଧାରଣ କରିବାକୁ ଯାଉଛି। ଏହି ରାଜ୍ୟର ଗୋଟିଏ ବର୍ଗର ଲୋକେ ବର୍ତ୍ତମାନ ସେମାନେ ବାସ କରୁଥିବା ଅଞ୍ଚଳରେ ସ୍ୱ-ଶାସନ ଚଳାଇବାକୁ ସ୍ଥିର କଲେଣି, ଯାହା ଏକ ରାଜ୍ୟ ମଧ୍ୟରେ ଆଉ ଏକ ରାଜ୍ୟର ପ୍ରତିଷ୍ଠାକୁ ବୁଝାଉଛି । ଗତ ବୁଧବାର ଦିନ ଇଣ୍ଡିଜେନସ୍ ଟ୍ରାଇବାଲ ଲିଡର୍ସ୍ ଫୋରମ୍ (ଆଇଟିଏଲ୍ଏଫ୍), ଯାହା କୁକି-ଜୋ ଗୋଷ୍ଠୀମାନଙ୍କର ପ୍ରତିନିଧି କରୁଛି, ଧମକ ଦେଇଛି ଯେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାର ଯଦି ଏକ ଅଲଗା ପ୍ରଶାସନ ପାଇଁ ସେମାନଙ୍କର ଦାବିର ସମାଧାନ ନ କରନ୍ତି, ତା'ହେଲେ ଏହା ଜନଜାତି ସମ୍ପ୍ରଦାୟ ବାସ କରୁଥିବା ଅଞ୍ଚଳରେ ଜଣେ ପୃଥକ୍ 'ମୁଖ୍ୟମନ୍ତ୍ରୀ'ଙ୍କୁ ଶାସନ ଗାଦିରେ ବସାଇ 'ସ୍ୱ-ଶାସନ' ପ୍ରତିଷ୍ଠା କରିବାର ବିକଳ୍ପ ଦିଗରେ ଆଗେଇବ । ଏହି ସାମ୍ପ୍ରଦାୟିକ ଗୋଷ୍ଠୀର ନେତାମାନେ, ଯେଉଁମାନେ କି ହିଂସାକାଣ୍ଡର ଦୌରାତ୍ମ୍ୟକୁ ଅଧିକ ପରିମାଣରେ ବହନ କରିଛନ୍ତି, ସେମାନେ ଚୁରାଚାନ୍ଦପୁର ଜିଲ୍ଲାରେ ଏକ ପ୍ରତିବାଦ ସଭା କରି ଉପରୋକ୍ତ କଥା ଘୋଷଣା କରିଛନ୍ତି। ସେମାନଙ୍କର ଅଭିଯୋଗ ହେଉଛି- କୁକି ଜନଜାତି ସମ୍ପ୍ରଦାୟର ସଦସ୍ୟମାନେ ଯେଉଁସବୁ ହିଂସାତ୍ମକ କାଣ୍ଡଗୁଡ଼ିକର ଶିକାର ହୋଇଛନ୍ତି, ସେସବୁ କ୍ଷେତ୍ରରେ କୌଣସି ପ୍ରକାରର ସିବିଆଇ ବା ଏନ୍ଆଇଏ ତଦନ୍ତ ହୋଇନାହିଁ । ସେମାନେ କହିଛନ୍ତି ଯେ ସେମାନଙ୍କର ଉପରୋକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିବାକୁ ସେମାନଙ୍କୁ ବାଧ୍ୟ କରାଯାଇଛି, ତେଣିକି କେନ୍ଦ୍ର ସରକାର ତାକୁ ମାନ୍ୟତା ଦିଅନ୍ତୁ କି ନ ଦିଅନ୍ତୁ । କୁକି-ଜୋ ସମ୍ପ୍ରଦାୟର ଏଇ ଦାବି କିଛି ନୂଆ ନୁହେଁ । ବସ୍ତୁତଃ, ମଣିପୁର ବିଧାନସଭାର ୧୦ ଜଣ ସଦସ୍ୟ, ଯେଉଁମାନଙ୍କ ମଧ୍ୟରେ ଶାସକ ବିଜେପିର ୭ ଜଣ ଅନ୍ତର୍ଭୁକ୍ତ, ଏଇ ଦାବିକୁ ସଂଘର୍ଷ ଆରମ୍ଭ ହେବା ପରେ ପରେ ହିଁ ଉଠାଇ ଥିଲେ । ରାଜ୍ୟର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ତଥା ସରକାରର ବିଭିନ୍ନ ଅଙ୍ଗଗୁଡ଼ିକଙ୍କର ପକ୍ଷପାତିତାପୂର୍ଣ୍ଣ ମନୋବୃତ୍ତିକୁ ସ୍ୱାଧୀନ ସମୀକ୍ଷକମାନଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଛି । ଆଉ ଏହାର ପରିଣତି ସ୍ୱରୂପ, ସମ୍ପ୍ରତି ଏଠାରେ କୁକି-ଜୋମାନେ ସ୍ୱତନ୍ତ୍ର ପ୍ରଶାସନ ପ୍ରତିଷ୍ଠା ନିମନ୍ତେ ଧମକ ଦେଇଛନ୍ତି। ସମୟ ଉପଗତ ହୋଇଛି, କେନ୍ଦ୍ର ସରକାରଙ୍କର ବର୍ତ୍ତମାନ ନିଦ୍ରା ଭଙ୍ଗ ହେବା ଉଚିତ ଏବଂ ଏହା ବିଚାର କରିବା ବିଧେୟ ଯେ ମଣିପୁରରେ ବାସ୍ତବରେ ଏକ ସମସ୍ୟା ରହିଛି ଏବଂ ଏଠାକାର ଏକ ବର୍ଗର ଲୋକମାନେ ଦୃଢ଼ ଭାବରେ ବିଶ୍ୱାସ କରୁଛନ୍ତି ଯେ ସେମାନଙ୍କ କଥା ପ୍ରତି କର୍ଣ୍ଣପାତ କରାଯାଉ ନାହିଁ । ସେମାନଙ୍କୁ ନ୍ୟାୟ ମିଳୁନାହିଁ କି କେହି ସେମାନଙ୍କ ପାଇଁ ଚିନ୍ତା କରୁ ନାହାନ୍ତି । ସଙ୍ଗେ ସଙ୍ଗେ କେନ୍ଦ୍ର ସରକାର ଅନୁଭବ କରିବା ଉଚିତ ଯେ ସେମାନଙ୍କୁ ଏକ ଉପୀଡ଼ନର ଶିକାର ହେବାର ଭାବନା କବଳିତ କରିବା ପୂର୍ବରୁ ସେମାନଙ୍କ ସମସ୍ୟାର ସମାଧାନ କରାଯିବା ନିତାନ୍ତ ଆବଶ୍ୟକ । ପୁନଶ୍ଚ, କେନ୍ଦ୍ର ସରକାର ଏକଥା ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ ଯେ ଏକ ରାଷ୍ଟ୍ର ସେତିକି ବେଳେ ହିଁ ଶାନ୍ତିରେ ରହି ପାରିଥାଏ, ଯେତେବେଳେ ଏହାର ବିବିଧତା ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ ଏବଂ ଏହାର ଶେଷତମ ନାଗରିକର କଥା ମଧ୍ୟ ଗୁରୁତ୍ୱର ସହିତ ଶୁଣା ଯାଇଥାଏ । ଏକ ପ୍ରସଙ୍ଗକୁ ଅଣଦେଖା କରିବା, ଏକ ପ୍ରକୃତ ପ୍ରସଙ୍ଗକୁ, ଏକ ଅନ୍ୟାୟ କରାଯାଉଥିବାର ଭାବନାକୁ ଜାଗ୍ରତ କରାଉ ଥିବା ପ୍ରସଙ୍ଗକୁ ହେୟ ମନେ କରିବାକୁ କ୍ୱଚିତ୍ ରାଷ୍ଟ୍ର ଶାସନର ଉତ୍ତମ କଳା ବୋଲି କୁହାଯାଇ ପାରିବ।



# ଖେଳର ନିୟମ ଓ ଖେଳୁଆଡ ମନୋଭାବ

### ଶ୍ରୀବତ୍ସ ନାୟକ

ବିଶ୍ୱର ଯେତେ କ୍ରୀଡା ଅଛି ସମସ୍ତ କ୍ରୀଡାର ଅନେକ କିଛି ନୀତି ଓ ନିୟମ ରହିଛି । ଏହାର ପରିସର ବ୍ୟାପକ ହେଲା ମଧ୍ୟ ଖେଳରେ ଶୃଙ୍ଖଳା ରକ୍ଷା କରିବା ପାଇଁ ଭାଗ ନେଉଥିବା ପ୍ରତିଯୋଗୀମାନେ ଏହି ଖେଳର ନିୟମରେ ଆବଦ୍ଧ । ନିୟମ ଆଗରେ ସମସ୍ତେ ସମାନ । ଏହି ନିୟମକୁ ମାନି କାହିଁ କେଉଁ ଆଦିମ କାଳରୁ ବିଶ୍ୱରେ ଅନେକ କ୍ରୀଡା, କସରତ ହେବାର ନଜର ଅଛି । ଦେଶଦେଶ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନା କରିବା, ଦେଶରେ ଜାତୀୟ ଐକ ଭାବ ସୃଷ୍ଟି କରିବା ତଥା ବସୁଧୈବ କୁଟୁମ୍ବ କମ୍ ଭାବେ ବିଶ୍ୱରେ ଆମେ ସମସ୍ତେ ଉତ୍ତମ ଓ ସୁସ୍ଥ ନିରାମୟ ଜୀବନ ଯାପନ କରିବା ପାଇଁ ପ୍ରତିଯୋଗୀ ଭାବେ ବିଭିନ୍ନ ଖେଳ କସରତରେ ଭାଗ ନେଇଥାଉ। ପ୍ରତିଯୋଗିତାରେ ବିଜୟୀ ହେବା ଆମର ମୂଳ ଲକ୍ଷ୍ୟ ହୋଇଥିଲେ ମଧ୍ୟ ପ୍ରତିଯୋଗୀ ଭାବେ ଖେଳୁଆଡ ମନୋଭାବ ନେଇ ଆମେ ଖେଳିବା ଉଚିତ । ଯେଉଁଠି ଆମେ ପ୍ରତିଯୋଗିତାରେ ଭାଗ ନେଇଥାଉ ସେଠି କିଭଳି ଭାବେ ଆମେ ବିଜୟୀ ହେବକ୍ଷ ତାହା ଉପରେ ମନୋନିବେଶ କରିଥାଉ । ଏଠି ମନରେ ପ୍ରଶ୍ନ ଉଠେ ଯେ ଖେଳର ନିୟମ କଣ ଏବଂ ଖେଳୁଆଡ ମନୋଭାବ କଣ ? ନିୟମକୁ ମାନି ଆମେ ଆମର ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରିବା ଫଳରେ ବିଜୟୀ ହେବା ସୁନିଶ୍ଚିତ କିନ୍ତୁ ଖେଳର ନିୟମ ମଧ୍ୟରେ ମଧ୍ୟ ଖେଳାଳୀର ବିପକ୍ଷ ଦଳ ପ୍ରତି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବ ଥାଏ ଯାହାକୁ ଖେଳୁଆଡ ମନୋଭାବ ବୋଲି କୁହନ୍ତି । ଅର୍ଥାତ ନିୟମକୁ ସମ୍ମାନ ଦେବା ସହ ଖେଳରେ କିଭଳି ସାଧୁତା ଅବଲମ୍ବନ ହୋଇପାରିବ ଏବଂ ଖେଳ ପଡ଼ିଆରେ ପ୍ରତିପକ୍ଷ ଦଳ ବିରୁଦ୍ଧରେ ନିୟମ ବହିର୍ଭୂତ କାର୍ଯ୍ୟ ନକରି ତାଙ୍କୁ ଖେଳାଇ ତାଙ୍କଠାରୁ ବିଜୟ ହାସଲ କରିବା ହେଉଛି ଉତ୍ତମ ଖେଳୁଆଡ ମନୋଭାବର ବଳିଷ୍ଠ ନିଦର୍ଶନ ।

ଖେଳରେ ଅନେକ ରେକର୍ଡ ସୃଷ୍ଟି ହୁଏ । ଅନେକ ରେକର୍ଡ ଭଙ୍ଗ ହୁଏ । ରେକର୍ଡ ହୁଏ ଭଙ୍ଗ ହେବା ପାଇଁ । ଖେଳାଳୀ ମାନେ ରେକର୍ଡକୁ ପିଛା କରନ୍ତି । ସର୍ବ ଶେଷରେ ଉତ୍ତମ ଖେଳ ପ୍ରଦର୍ଶନ କରି ପୂର୍ବ ରେକର୍ଡକୁ ଭଙ୍ଗ କରିବା ସହ ରେକର୍ଡରେ ନିଜ ନାମ ସାମିଲ କରିଥାନ୍ତି। ଏହା ଏକ ଚିରାଚରିତ ପ୍ରକ୍ରିୟା । ଠିକ୍ ସେହିଭଳି ଖେଳରେ ମଧ୍ୟ କୌଣସି ଏକ ସଫଳତା କିମ୍ବା ବିଫଳତା ହାସଲ କରିବାରେ ପ୍ରଥମ ହେବାର ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟ ହେବା ଏକ ବିରଳ ଘଟଣା। ସେ ଯାହା ବି ହେଉ ପ୍ରଥମ ସବୁବେଳେ ପ୍ରଥମ । କ୍ରିକେଟ ଖେଳରେ ଏକ ସେହିଭଳି ଅଲୋଡା ରେକର୍ଡ ଦେଖିଲେ ବିଶ୍ୱବାସୀ । ଦୀର୍ଘ ଦିନର କ୍ରିକେଟ ଇତିହାସରେ ଆଜି ପର୍ଯ୍ୟନ୍ତ ତାହା ହୋଇନଥିଲା । ଶ୍ରୀଲଙ୍କା ଦଳର ପୂର୍ବତନ କ୍ୟାପଟେନ ତଥା ଅଲ୍ ରାଉଣ୍ଡର ଆଞ୍ଜେଲ ମାଥ୍ୟୁସ ଯେଉଁ ଭଳି ଭାବେ ଆଉଟ୍ ହେଲେ ତାହା ଏବେ ଚର୍ଚ୍ଚାରେ । ଭଦ୍ର ଲୋକର ଖେଳ କୁହାଯାଉଥିବା କ୍ରିକେଟରେ ଯଦିଓ ଏହିଭଳି ଆଉଟ ହେବାର ନିୟମ ଅଛି କିନ୍ତୁ ବିଶ୍ୱର କୌଣସି କ୍ରିକେଟ ଫର୍ମାଟରେ କୌଣସି ଖେଳାଳୀ ଏହିଭଳି ଆଉଟ୍‌ର ଶିକାର ହୋଇନଥିଲେ । ବିଶ୍ୱର ପ୍ରଥମ କ୍ରିକେଟର ଭାବେ ମାଥ୍ୟୁସ୍ ଏହିଭଳି ଆଉଟ୍ ହୋଇ ଏକ ବିରଳ କିର୍ତ୍ତିମାନ ରଚିଛନ୍ତି।

ଭଦ୍ର ଲୋକର ଖେଳ କୁହାଯାଉଥିବା କ୍ରିକେଟର ଆନ୍ତର୍ଜାତୀୟ ସ୍ତରରେ ଏକ ବ୍ୟାଟ୍ସମ୍ୟାନ୍‌ଙ୍କୁ ସମୟ ସମାପ୍ତ(ଟାଇମ୍ଡ ଆଉଟ୍) କରି ବରଖାସ୍ତ କରାଯିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଗତ ନଭେମ୍ବର ୬ ତାରିଖରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଆନ୍ତର୍ଜାତୀୟ ପୁରୁଷ ବିଶ୍ୱକପର ୩୮ ତମ ମ୍ୟାଚ୍‌ରେ ଦୁଇ ଏସିଆନ ଦେଶ ଶ୍ରୀଲଙ୍କା ଓ ବାଂଲାଦେଶ ପରସ୍ପର ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚ୍ ସମୟରେ ବାଂଲାଦେଶ ଅଧିନାୟକ ଶାକିବ ଅଲ ହାସନ ଆବେଦନ କରିବା ପରେ ମାଥ୍ୟୁସଙ୍କୁ ସମୟ ନିର୍ଦ୍ଧାରିତ କରାଯାଇଥିଲା ବୋଲି ଦର୍ଶାଯାଇଥିଲା ଏବଂ ଶ୍ରୀଲଙ୍କାର ପୂର୍ବ ବ୍ୟାଟ୍ସମ୍ୟାନ ସାଦିରା ସମରୱିକ୍ରାମାଙ୍କ ଶେଷ ୱିକେଟ୍ ଖସିଯିବା ପରେ ମାଥ୍ୟୁସ୍ କ୍ରିଜରେ ବିଳମ୍ବରେ ପହଞ୍ଚିଥିଲେ । ଶ୍ରୀଲଙ୍କା ବ୍ୟାଟିଂ ଇନିଂସର ୨୫ ତମ ଓଭରରେ ଏହି ଘଟଣା ଘଟିଥିଲା । କ୍ରିକେଟର ନିୟମ ଅନୁସାରେ କୌଣସି ବ୍ୟାଟ୍ସମ୍ୟାନ ଆଉଟ ହେଲେ ସେହି ଦଳର ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପଡ଼ିଆରେ ନପହଞ୍ଚିଲେ ତାଙ୍କୁ ଟାଇମ୍ଡ ଆଉଟ୍‌ର ଶିକାର ହେବାକୁ ପଡ଼ିଥାଏ । ସେହି ମ୍ୟାଚରେ ମାଥ୍ୟୁସ୍, ବିପକ୍ଷ ଦଳର ଅଧିନାୟକ ଏବଂ ଫିଲ୍ଡ ଅମ୍ପାୟାରଙ୍କୁ ନିଜର ବିଳମ୍ବ ସପକ୍ଷରେ ଯୁକ୍ତି ବାଢ଼ିଲେ ।

ମନାଇବା ପାଇଁ ଚେଷ୍ଟା କରିଥିଲେ ଯେ ହେଲମେଟରେ ତ୍ରୁଟି କାରଣରୁ ସେ କ୍ରିଜରେ ଟିକେ ବିଳମ୍ବରେ ପହଞ୍ଚିଥିଲେ ।

ଏହା ପରେ ସେ ଏକ ବଦଳ ହେଲମେଟ ଖୋଜିଥିଲେ, ଯାହା ଫଳରେ ସେ ସମୟ ସୀମା ମଧ୍ୟରେ ପ୍ରଥମ ବଲକୁ ସାମ୍ନା କରିବାକୁ ପ୍ରସ୍ତୁତ ନଥିଲେ । ବାଂଲାଦେଶର ଅଧିନାୟକ ଶାକିବ ଏହି ଆବେଦନ ପ୍ରତ୍ୟାହାର କରିବାକୁ ମନା କରିଦେଇଥିଲେ ଫଳରେ ଫିଲ୍ଡ ଅମ୍ପାୟାର ରିଚାର୍ଡ ଇଲିଙ୍ଗୱର୍ଥ ଏବଂ ମାରାଇସ୍ ଏରାସମୁସ୍‌ଙ୍କ ନିଷ୍ପତ୍ତି କ୍ରମେ ଆଞ୍ଜେଲ ମଥ୍ୟୁସ୍ ଟାଇମଡ୍ଡ ଆଉଟ୍‌ର ଶିକାର ହୋଇ ପଡିଆ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। କ୍ରିକେଟ ଖେଳରେ ଟାଇମ୍ଡ ଆଉଟ୍ ହେଉଛି ବ୍ୟାଟ୍ସମ୍ୟାନ୍‌ଙ୍କୁ ଆଉଟ୍ କରିବାର ଏକ ପଦ୍ଧତି ବା ନିୟମ । ଆନ୍ତର୍ଜାତୀୟ କ୍ରିକେଟ ପରିଷଦର ନିୟମ (କୋଡ ୧୯୮୦) ଅନୁସାରେ କୌଣସି ଏକ ବ୍ୟାଟ୍ସମ୍ୟାନ୍ ଆଉଟ୍ ହେଲେ କିମ୍ବା ଆଘାତ ସମସ୍ୟାରୁ ବ୍ୟାଟିଂ ନକରି ପାରିଲେ ନିଜ ଦଳର ପରବର୍ତ୍ତୀ ବ୍ୟାଟ୍ସମ୍ୟାନ୍‌ଙ୍କୁ ଦୁଇ ମିନିଟ୍ ମଧ୍ୟରେ ପଡ଼ିଆରେ ପହଞ୍ଚିବାର ନିୟମ ଥିଲା କିନ୍ତୁ କ୍ରିକେଟ କୋଡ ୨୦୦୦ର ଆଇନ ୪୦ ଅନୁସାରେ କ୍ରିକେଟର ଫର୍ମାଟ ଅନୁସାରେ ଏହାର ଅବଧି ରେ ପରିବର୍ତ୍ତନ କରାଯାଇ ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ୩ ମିନିଟ୍ ଓ ଟି-୨୦ ମ୍ୟାଚ୍ ପାଇଁ ୯୦ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି । ଅବଶ୍ୟ ଏହି ବିଶ୍ୱକପ ରେ ଏହାକୁ ୨ ମିନିଟ ପର୍ଯ୍ୟନ୍ତ ଧରାଯାଇଛି । ଯେପର୍ଯ୍ୟନ୍ତ 'ବର୍ଦ୍ଧିତ ବିଳମ୍ବ' ପ୍ରଣାଳୀ ଆହ୍ୱାନ କରାଯାଇ ନାହିଁ, ସେମାନଙ୍କ ଇନିଂସ ଆରମ୍ଭ ନହେବା ପର୍ଯ୍ୟନ୍ତ ଜଣେ ବ୍ୟାଟ୍ସମ୍ୟାନ୍ ଆଉଟ୍ ହୋଇପାରିବେ ନାହିଁ । ଯେପର୍ଯ୍ୟନ୍ତ କେହି ଖେଳାଳୀ ପଡ଼ିଆ ନ ନିଅନ୍ତି ସେ ପର୍ଯ୍ୟନ୍ତ ଅମ୍ପାୟାରମାନେ କୌଣସି ଆବେଦନ ଉପରେ ନିୟମ କରିପାରିବେ ନାହିଁ । ଆସୁଥିବା ବ୍ୟାଟର' ଯେକୌଣସି ବ୍ୟାଟ୍ସମ୍ୟାନ୍ ହୋଇପାରନ୍ତି ଯିଏ ଏପର୍ଯ୍ୟନ୍ତ ବ୍ୟାଟିଂ କରିନାହାଁନ୍ତି। କ୍ରିକେଟ୍‌ରେ କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟାଟିଂ ଅର୍ଡର ନାହିଁ ।ଦଳ ପ୍ରକାଶିତ ହୋଇଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ କ୍ରମରେ ବ୍ୟାଟିଂ କରିବାକୁ ବାହାରକୁ ଆସିବାକୁ ପଡିବ ନାହିଁ । ଯେପର୍ଯ୍ୟନ୍ତ ଜଣେ ବ୍ୟାଟ୍ସମ୍ୟାନ୍ ପଡ଼ିଆରେ ପାଦ ରଖି ନାହାଁନ୍ତି ସେ ପର୍ଯ୍ୟନ୍ତ ବ୍ୟାଟିଂ ଅଧିନାୟକ ଯେ କୌଣସି ଖେଳାଳିଙ୍କୁ ବାଛି ପାରିବେ ଯିଏ ଏପର୍ଯ୍ୟନ୍ତ ବ୍ୟାଟିଂ କରିନାହାଁନ୍ତି । ପଡ଼ିଆରେ ବ୍ୟାଟ୍ସମ୍ୟାନ୍ ପହଞ୍ଚିବା ବିଳମ୍ବ ହେଲେ ଯଦି ପ୍ରତିପକ୍ଷ ଦଳର ଅଧିନାୟକ ପଡିଆ ଅମ୍ପାୟରଙ୍କ ନିକଟରେ ଅଭିଯୋଗ କରନ୍ତି ତେବେ ନିୟମ ଅନୁସାରେ ଆସିଥିବା ବ୍ୟାଟ୍ସମ୍ୟାନ୍‌ଙ୍କୁ ଟାଇମଡ୍ ଆଉଟ୍ ର ଶିକାର ହେବାକୁ ପଡ଼ିଥାଏ । ଯଦି ପ୍ରତିପକ୍ଷ ଦଳର ଅଧିନାୟକ ଏହି ସଂକ୍ରାନ୍ତରେ କୌଣସି ଅଭିଯୋଗ ଆଣନ୍ତି ନାହିଁ ତେବେ ବ୍ୟାଟ୍ସମ୍ୟାନଙ୍କୁ ଖେଳିବାକୁ ସୁଯୋଗ ଦେଇଥାନ୍ତି ଅମ୍ପାୟର ।

ଇଂଲଣ୍ଡ କ୍ରିକେଟର ଜନକ ହେଲେ ମଧ୍ୟ ବିଶ୍ୱରେ ଯେତେ କ୍ରୀଡା ଅଛି ତନ୍ମଧ୍ୟରୁ ଭାରତରେ ଅଧୁନା ସବୁଠାରୁ ଲୋକପ୍ରିୟ ହାସଲ କରିଥିବା କ୍ରୀଡା ମଧ୍ୟରେ କ୍ରିକେଟ ଅନ୍ୟତମ । ସକାଳରୁ ସଞ୍ଜ ଓ ସଞ୍ଜରୁ ସକାଳ ପଞ୍ଚାୟତଠାରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ସବୁଠି କ୍ରିକେଟକୁ ନେଇ ଚର୍ଚ୍ଚା ଆଲୋଚନା ଜୋରଦାର ଚାଲିଛି । କ୍ରିକେଟର ବଡ଼ ମହାକୁମ୍ଭ କୁହାଯାଉଥିବା ବିଶ୍ୱକପ୍‌କୁ ନେଇ ସାରା ବିଶ୍ୱ ଚଳଚଞ୍ଚଳ ଥିବାବେଳେ କ୍ରିକେଟ ପାଗଳ ଦେଶ ଭାରତରେ ଏହା ଅନେକ ଗୁରୁତ୍ୱ ବହନ କରୁଛି । ଏପଟେ ଆୟୋଜକ ଦେଶ ଭାବେ ଭାରତ ଘରୋଇ ପିଚ୍ ଓ ସମର୍ଥକଙ୍କ ଫାଇଦା ଉଠାଇ, ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ ସହ ଅଦ୍ୟାବଧି ସିରିଜ ରେ ଅପରାଜୟ ରହି ଦେଶ ପାଇଁ ତୃତୀୟ ଦିନିକିଆ ପୁରୁଷ ବିଶ୍ୱକପ ବିଶ୍ୱକପ୍ ହାତେଇବାଠାରୁ ମାତ୍ର ଏକ ପାଦ ଦୁଆରେ ଅଛି ଭାରତ, ଯାହା ଭାରତରେ କ୍ରିକେଟର ଲୋକପ୍ରିୟତାକୁ ଆହୁରି ଉର୍ଦ୍ଧ୍ୱକୁ ନେଇଯାଇଛି । ଏହିଭଳି ଏକ ସମ୍ବେଦନଶୀଳ ସମୟରେ କ୍ରୀଡ଼ାପ୍ରେମୀଙ୍କ ନଜର ରହିଛି ସମ୍ପୂର୍ଣ୍ଣ ବିଶ୍ୱକପ୍ ଉପରେ । କିନ୍ତୁ ସେପଟେ ଲିଗ୍ ପର୍ଯ୍ୟାୟରେ ଜଣେ ଖେଳାଳୀଙ୍କୁ ଏହିଭଳି ଭାବେ ଆଉଟ୍ କରିବା ଘଟଣାଟି କ୍ରୀଡ଼ାପ୍ରେମୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଅନେକ ତର୍କ ବିତର୍କ ଚାଲିଛି । କେତେକ କ୍ରିକେଟ କିମ୍ବଦନ୍ତୀ ଏହି ବିବାଦୀୟ ଆଉଟ୍‌କୁ ନିୟମର ଅନ୍ତର୍ଭୁକ୍ତ କହିଥିବା ବେଳେ ଅନ୍ୟପକ୍ଷ କେହି କେହି ଏହାକୁ ସ୍ପିରିଟ ଅଫ ଦି ଗେମ୍‌ର ହତ୍ୟା ବୋଲି ଦର୍ଶାଇଛନ୍ତି । ଗୋଟିଏ ପଟେ ନିୟମ ଓ ଅନ୍ୟ ପଟେ ଖେଳୁଆଡ ମନୋଭାବ। ଅତୀତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ବିଶ୍ୱସ୍ତରୀୟ ଖେଳାଳୀ ମାନେ ଯଥା ଭାରତର କିମ୍ବଦନ୍ତୀ ତଥା କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ, ଅନିଲ କୁମ୍ବଲେ, ମହେନ୍ଦ୍ର ସିଂହ ଧୋନୀ, ରବି ଚନ୍ଦ୍ରନ ଅଶ୍ୱିନୀ ଆଦି ପ୍ରମୁଖ ଖେଳାଳୀ ନିଜର ଖେଳୁଆଡ ମନୋଭାବ ପାଇଁ ବେଶ୍ ପ୍ରଶଂସା ହାତେଇଛନ୍ତି । ବାଂଲାଦେଶର ଶାକିବ ଉଲ୍ ହାସନ ଯଦି ଚାହିଁଥାନ୍ତେ ତାହେଲେ ସେ ଆଞ୍ଜେଲ ମାଥ୍ୟୁସଙ୍କୁ ଖେଳିବାର ସୁଯୋଗ ଦେଇପାରିଥାନ୍ତେ କିନ୍ତୁ ସେ ନିଜ ନିଷ୍ପତିରୁ ନଓହରିବାରୁ ବାଧ୍ୟହୋଇ ନିୟମ ଅନୁଯାୟୀ ମାଥ୍ୟୁସଙ୍କୁ ଆଉଟ୍ ଘୋଷଣା କରାଗଲା । ଆନ୍ତର୍ଜାତୀୟ କ୍ରିକେଟ ପରିଷଦ ଏହି ଆଉଟ୍‌କୁ ଗ୍ରହଣ କରିଥିଲେ ମଧ୍ୟ ଏଭଳି ନିଷ୍ପତି ଅନେକ ଦର୍ଶକଙ୍କ ମନରେ ଆଘାତ ସୃଷ୍ଟିହେଇଥିଲା । ଯଦିଓ ଶାକିବ ଯାହା କରିଥିଲେ ତାହା ନିୟମ ବିରୁଦ୍ଧ ନଥିଲା ତଥାପି ତାଙ୍କ ଖେଳୁଆଡ ମନୋଭାବ ନେଇ ପ୍ରଶ୍ନ ଉଠିଲା ସାଧାରଣରେ ସେ ନିନ୍ଦିତ ହେଲେ । ଯୁଦ୍ଧରେ ଯୋଦ୍ଧାକୁ ଯୁଦ୍ଧ କରିବାର ସୁଯୋଗ ନଦେଇ ତାକୁ ପରାସ୍ତ କରିବା ଯାହା କ୍ରିକେଟ ଖେଳରେ ଖେଳାଳୀଙ୍କୁ ଖେଳିବାର ସୁଯୋଗ ନଦେଇ ତାକୁ ଖେଳରୁ ଆଉଟ୍ କରିବା ତାହା । ଖେଳରେ ଯଦି ଖେଳରେ ଖେଳୁଆଡ ମନୋଭାବ ଆଗ ତେବେ ଏହି ଟାଇମ୍ ଆଉଟ୍ ନିୟମରେ ପରିବର୍ତ୍ତନ ହେବା ଦରକାର ନଚେତ ଆମେ ସମସ୍ତେ ଦ୍ୱନ୍ଦ ଭିତରେ ରହିବା ଯେ ଖେଳର ନିୟମ ଆଗ ନା ଖେଳୁଆଡ ମନୋଭାବ ଆଗ?

+ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ
ମୋ: ୯୪୩୮୦୭୦୮୪୯



# ଆମ ରାଜ୍ୟ ମେଡିକାଲ ଶିକ୍ଷାରେ ଆତ୍ମନିର୍ଭରଶୀଳ କି ?

### ସୁବ୍ରତ କର

ଯଦି ହଁ ତେବେ ରାଜ୍ୟର ସର୍ବବୃହତ୍ ଆଦିବାସୀ ବହୁଳ ଜିଲ୍ଲା, ମୟୂରଭଞ୍ଜରେ ୫୬ ଶତାଂସ ସରକାରୀ ଡାକ୍ତରୀ ପଦ ଖାଲି କାହିଁକି ? ଏଇଟା ନିଶ୍ଚିତ ୨୦୦୦ ମସିହାରେ ବର୍ଷକୁ ଆମ ରାଜ୍ୟରୁ ୩୨୧ ଏମ.ବି.ବି.ଏସ ଏବଂ ୨୫୪ ସ୍ପେଶାଲିଷ୍ଟ ଡାକ୍ତର ବାହାରୁଥିଲେ । କିନ୍ତୁ ଏବେ ୨୫୨୫ ଏମ.ବି.ବି.ଏସ ଏବଂ ୮୫୬ ସ୍ପେଶାଲିଷ୍ଟ ଡାକ୍ତର ବର୍ଷକୁ ବାହାରୁଛନ୍ତି । ତଥାପି ମୟୂରଭଞ୍ଜ ଜିଲ୍ଲାର ଅବସ୍ଥା ଏମିତି । ଦୁଇଦିନ ତଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ୧୨୫ଜଣ ଏସିଷ୍ଟାଣ୍ଟ ପ୍ରଫେସର ପଦ ପୂରଣ ହେଲା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଲେ ଅତି ଶୀଘ୍ର ଆଉ ୩୦୦ ଆସିଷ୍ଟାଣ୍ଟ ପ୍ରଫେସର ପୂରଣ ହେବ । ୨୦୨୪ ବେଳକୁ ରାଜ୍ୟରେ ଆଉ ୩ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଗତ ୬ବର୍ଷରେ ସରକାର ନୂଆ କରି ୮ଟି ମେଡିକାଲ କଲେଜ କରିଛନ୍ତି ଏବଂ ଦୁଇଟି ନୂଆ ପି.ଜି ଇନ୍ଷ୍ଟିଚ୍ୟୁଟ୍ ଖୋଲା ହୋଇ ପାରିଛି । ଏତେ ସବୁ ହେଲା ପରେ ସାରା ରାଜ୍ୟରେ ଡାକ୍ତରଙ୍କ ଅଭାବ, ଚିକିତ୍ସାର ଅବହେଳା, ଆମ ରାଜ୍ୟର ଆନ୍ତର୍ଜାତିକ ସ୍ତରର କଟକ ବଡ଼ ମେଡିକାଲ କଲେଜକୁ ଠିକ ଭାବରେ ଇଲେକଟ୍ରିକ ଆଲୁଅ ଯୋଗାଇ ହେଉନାହିଁ, ପିଇବା ଏବଂ ବ୍ୟବହାର ହେଉଥିା ପାଣିର ଅଭାବ ରହୁଛି, ସବୁ ଡାକ୍ତରଖାନାର ବାରଣ୍ଡାରେ ରୋଗୀମାନଙ୍କୁ ଚିକିତ୍ସା କରାହେଉଛି । ମାଗଣା ଔଷଧର ଗୁଣାତ୍ମକ ମାନର ଅଭାବ କାହିଁକି ରହୁଛି ? ଆମେ ମୟୂରଭଞ୍ଜ ଜିଲ୍ଲାକୁ (ଦେଶର ରାଷ୍ଟ୍ରପତିଙ୍କ ଜିଲ୍ଲା) ଆଖି ଆଗରେ ରଖିଲେ ଦେଖିବା ଜିଲ୍ଲାରେ ଏବେ ୫୬ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଛି । ଏହି ଜିଲ୍ଲାରେର ଅନୁମୋଦିତ ୬୪୨ ଡାକ୍ତର ମଧ୍ୟରୁ ମୋଟେ ୨୮୩ ଜଣ ଡାକ୍ତର ଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରର ଘରୋଇ ଚିକିତ୍ସାରେ ବ୍ୟସ୍ତ । କେମିତି ଡାକ୍ତରଖାନାରୁ ଡ୍ୟୁଟି ସାରି ଅପେକ୍ଷାରତ ରୋଗୀଙ୍କୁ ଦେଖିବେ । ଘରେ ଥିବା ନର୍ସ ଜଣକ ହସପିଟାଲ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ବାରମ୍ବାର ଟେଲିଫୋନ ଜରିଆରେ ଜଣାଇ ଚାଲିଥିବା ଶୀଘ୍ର ଆସିବା ପାଇଁ । ଏହି ମାନସିକ ସ୍ତରରେ ରହି ଜଣେ ଡାକ୍ତର ହସପିଟାଲରେ ଥିବା ରୋଗୀକୁ ଠିକ୍ ଭାବରେ ଦେଖି ପାରିବ କି ? ଏଥିରୁ ଗୋଟାଏ ଉଦାହରଣ ଦେଲେ ଡାକ୍ତରକାନାର (ରାଜ୍ୟରୁ) ଅବସ୍ଥା ବୁଝିହେବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିବା କଥା ୧୩୧ ଜଣ ଡାକ୍ତର କିନ୍ତୁ ଏବେ ଅଛନ୍ତି ୪୭ ଜଣ ଡାକ୍ତର । ଏହି ଡାକ୍ତରମାନଙ୍କ ଘରେ ଅପେକ୍ଷାରତ ରୋଗୀଙ୍କୁ ଦେଖିବାକୁ ବ୍ୟସ୍ତ ହେଉଥିବେ । ତେବେ ଡାକ୍ତରଖାନାରେ ରୋଗୀ ଠିକ ଭାବରେ ଚିକିତ୍ସା ପାଇ ପାରିବେ ତ ? କିନ୍ତୁ ସରକାର ବଡ଼ ବଡ଼ କହିବାରେ ପଛଉନାହାନ୍ତି । ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା । ଆମ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ । ସମସ୍ତେ ଯେମିତି ଗୁଣାତ୍ମକ ମାନର ଚିକିତ୍ସା ସେବା ପାଇବେ ସେଥିପାଇଁ ଆମ ସରକାର ବଦ୍ଧ ପରିବାର । ଏହିସବୁ ବାର୍ତ୍ତା ରାଜ୍ୟର ସାଧାରଣ ଜନତାଙ୍କ ପାଇଁ। କିନ୍ତୁ ମନ୍ତ୍ରୀ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ମାନେ ପ୍ରାଇଭେଟ ହସପିଟାଲରେ ଚିକିତ୍ସିତ ହେବେ କିନ୍ତୁ ଲୋକ ଆନ୍ତର୍ଜାତିକ ଡାକ୍ତରଖାନାରେ ନୁହଁ।

+ବାଲେଶ୍ୱର




## ଶରତ ଆସିଲେ

### ଶିବ ପ୍ରସାଦ ବାହିନୀପତି



ଶରତ ଆସିଲେ ଧରାକୁ ଓହ୍ଲେଇ
କାଶତଣ୍ଡୀ ପୁଷ୍ପେ ହସୁଥାଏ ମହୀ ।
ହସେ ପାରିଜାତ ହେନା ଜୂଈ ଜାଇ
ଶେଫାଳୀ କୁସୁମ ବାସ ଚହଟଇ ।

ମୃଦୁମନ୍ଦ ବାଆ ପଡୁଥାଏ ଝରି
ଶୀତଳ ସମୀର ମନ ନିଏ ହରି ।
ନଥାଏ ବରଷା ନଥାଏ ତ ଝଡ଼ି
ପୀତ ଜହ୍ନିଫୁଲ ହସେ ଖିଲିଖିଲି ।

ଖଣ୍ଡି ଧଳାମେଘ ଅମ୍ବର ପ୍ରଦେଶେ
ଭାସିବୁଲେ ବହୁତ ସୁନ୍ଦର ଦିଶେ ।
ଶସ୍ୟ ଶ୍ୟାମଳା ମହୀ ଆନନ୍ଦେ ହସେ
ନଦୀ ପୋଖରୀ ଜଳ ନିର୍ମଳ ଦିଶେ ।

ଦୂର ଦିଗ୍‌ବଳୟେ ପଶ୍ଚିମାକାଶେ
ଅସ୍ତଗାମୀ ଭାସ୍କର ଶୋଭା ପରଶେ ।
ସ୍ୱଚ୍ଛ ପରିମଳ ଶରତ ଆକାଶେ
ଶଶଲାଞ୍ଛିତ ଶୁଭ୍ର ଜୋଛନା ବର୍ଷେ ।

ଜଳେ ହସଇ କୌମାରୀ ନୀଳ କଇଁ
ଏକଲୟେ ତା'ର ପ୍ରେମିକକୁ ଚାହିଁ ।
ମଥା ହଲେଇ ଜଳେ ଡାକଇ ସେହି
ମୋ' ପାଶେ ପ୍ରିୟ ତୁମେ ଆସ
ଓହ୍ଲେଇ।

ଭାଦ୍ରବ ଆଶ୍ୱିନ ଦୁଇଗୋଟି ମାସ
ଶରତ ଆସୁଥାଏ ପ୍ରତି ବରଷ ।
ଧରାରେ ଓହ୍ଲାନ୍ତି ଶ୍ରୀମାନ ଗଣେଶ
ଷଷ୍ଠୀ ଓଷାରେ ଖେଳିଯାଏ ଉଲ୍ଲାସ ।

ଭାଦ୍ରବ ମାସେ ପଡ଼େ ଅନନ୍ତ ବ୍ରତ
ଶରତେ ଏଇ ପର୍ବ ଅଟେ ବିଖ୍ୟାତ ।

ବଡ଼ ଧାର୍ମିକ ଏଇ ଋତୁ ଶରତ
ସ୍ୱଚ୍ଛ ସୁନିର୍ମଳ ଦିଶଇ ଜଗତ ।

ଶରତ ଆଣିଛି ସାଥିରେ ତାହାର
ଶାରଦୀୟ ଦୁର୍ଗାପୂଜାର ସମ୍ଭାର ।
କୁମାର ପୂର୍ଣ୍ଣିମା ପୂଜା ଉପହାର
ଋତୁକୁ କରଇ ସବୁଠୁ ସୁନ୍ଦର ।

ଶରତ ଋତୁ ଯେବେ ବିଦାୟ ନେବ
ଯେତେ ପୂଜା ପାର୍ବଣ ଫିକା ପଡ଼ିବ ।
ହେମନ୍ତ ଋତୁ ଯେବେ ହେବ ପ୍ରବେଶ
ଧିରେ ପାଦ ପକେଇ ବଢ଼ିବ ଶୀତ ।

ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ

## ଶୀତ

### ନୀଳମଣି ଚାନ୍ଦ



ଶୀତ ହସିଲାଣି ସୋରିଷ କ୍ଷେତରେ
ହଳଦି ରଙ୍ଗକୁ ବୁଣି
ସୂର୍ଯ୍ୟମୁଖୀ ଗାଢ଼ ହଳଦି ଦିଶିଲା
ଶୀତର ନାଆଁଟି ଶୁଣି।

ଶୀତ ବୁଣିଲାଣି ମୁକୁତା ଟୁକୁଡ଼ା
ଘୂରିଘୂରି ପ୍ରାନ୍ତରରେ
ଉତ୍ତରା ପବନ ଚେତେଇ ଦେଲାଣି
ବସିବାକୁ ଏକାନ୍ତରେ।

ଶୀତ ଟାଣିଲାଣି କୁହୁଡି ପରଦା
ବଡ଼ି ଭୋର୍‌ରୁ ଉଠି
କୃଷକର ହାତେ ଅମଳର କାମ
ନାହିଁ ଫୁରୁସତ, ଛୁଟି।

ଶୀତ ଡାକିଲାଣି ବିଦେଶୀ ପକ୍ଷୀଙ୍କୁ
ଆସ ନଲ୍ବଣ ବୁଲି
ଏ ଜାଡ଼ ବେଳରେ ଶାଲ୍ ସୁଏଟର
କଥାକୁ ଯିବନି ଭୁଲି।

ଶୀତ କରିଲାଣି ଦିନକୁ ସାନରେ
ରାତିଟାକୁ ଭାରି ବଡ଼
ଲାଗେ କରିଛି ସେ ଧରାବତରଣ
ଜିଣି ଶରତର ଗଡ଼।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ସୃଜନର ପୁଲକ

### ବର୍ଷାରାଣୀ ମହାମଲ୍ଲିକ



ନିସଙ୍ଗତାର ମରୁଭୂମି ତୀରେ
ଅଦିନିଆ ବର୍ଷା ଯେତେ ଖୁସି ଦିଏ
ଠିକ୍ ସେତିକି ସନ୍ତୁଷ୍ଟି ସଞ୍ଚାର କରେ
ଏ ସୃଜନର ପୁଲକ

ହାରି ଯାଉ ଯାଉ ଜିତିବାର
ଅଭିପ୍ରେରଣା
ହଜି ଯାଉ ଯାଉ ଖୋଜିବାର ଖୋରାକ
ଆଉ ମଧ୍ୟ ଯୋଗାଏ କେତେ ବାହାନା
ଏ ସୃଜନ ପାଇଁ ବାରମ୍ବାର ଗର୍ଭବତୀ
ହେବା
ଏଇଟା ବି କମ୍ କଷ୍ଟ ନୁହେଁ।

ସଦ୍ୟ ନବଜାତ ଶିଶୁର ଆଗମନେ
ଯେଉଁ ପୁଲକ,
ସୃଷ୍ଟିର ଗଢଣ ପରେ ସୃଷ୍ଟିକର୍ତ୍ତା ଠାରେ
ସେତେ ଆଲୋକ।
ଦିଗହରା ମଣିଷର ବତିଖୁଣ୍ଟ ଏ ସୃଜନ
ଅସହାୟ ଜୀବନରେ ସହାୟର
ସନ୍ଧାନ,
କର୍ତ୍ତା ବୋଲାଇବା ବି କଳାର କଥା।

ସେ ଦ୍ୱିତୀୟ ଈଶ୍ୱର ଠାରେ
ସୃଜନର ଅନ୍ୟନାମ ଜୀବନ
ସେ ଅନୁଭବ କଥା ପଚାରନା
ସୃଜନର ପହିଲି ପୁଲକ
ମାଁ ର ସେ ନାନାବାୟା ଗୀତ ପରି
ବାପାଙ୍କ ମିଠା ଗାଳି ପରି
ସୃଜନର ପୁଲକ ଖୁବ୍ ଆନନ୍ଦ
ସେ ଅନୁଭବ ନିଆରା ନିଶ୍ଚୟ
ସୃଜନର ପୁଲକ
ହଁ ଖୁବ୍ ନିଜର ନିଜର..

ଜିଲ୍ଲା :ବରଗଡ଼
ମୋ:୮୨୬୦୬୫୯୩୩୨

# ଗପ ହେଲେବି ସତ



ପ୍ରଫୁଲ୍ଲ ବାରିକ



ଶବ ବାହକ ଗାଡ଼ି 'ପୁଷ୍ପକ' ଆସି ପହଂଚିଲା ଜାଗା ଉପରେ । ସମୟ ସେତେବେଳକୁ ରାତି ଗୋଟାଏ । ଶବ ସହ ଆମେ ଆସିଥାଉ ଆଠଜଣ । ଶ୍ମଶାନ ଆସିବା ମୋର ପ୍ରଥମ । ସାଙ୍ଗ ସୁରେଶ ଡାକିବାରୁ ଆସିଥାଏ । ସୁରେଶର ବାପା ଯେହେତୁ, ବିପଦ ବେଳେ ନଆସିବି କିମିତି ? ସାଙ୍ଗ ମୋର ପୁରାପୁରି ଭାଙ୍ଗି ପଡିଥାଏ ବାପାଙ୍କ ଆକସ୍ମିକ ମୃତ୍ୟୁରେ । ପ୍ରଥମ ଷ୍ଟ୍ରୋକରେ ଡାକ୍ତର ଦେଖେଇବା ଆଗରୁ ଘଟିଗଲା ଅଘଟଣ । ସୁରେଶ ମନରେ ଗଭୀର ଅବଶୋଷ । ମୋର ଅତି ଘନିଷ୍ଠ ବନ୍ଧୁ, ପୁଣି ଏକା ଗାଁ'ର ।

ଗାଡ଼ି ଠିଆ ହେବାରୁ ସୁରେଶକୁ ଶବ ପାଖରେ ଛାଡି ବାକି ସମସ୍ତେ ଓହ୍ଲେଇ ପଡିଲେ । ମୁଁ ସାମ୍ନାରେ ଯୋଉ ଦୃଶ୍ୟ ଦେଖିଲି, ବିଶ୍ୱାସି ନପାରି ବୁଡି ରହିଲି ସନ୍ଦେହରେ କିଛି ସମୟ । ଇଏ ଶ୍ମଶାନ ? ଶ୍ମଶାନ ବୋଇଲେ ଯୋଉ ଚିତ୍ର ମଥାରେ, ତା'ର ରୂପରେଖ କାଇଁ ? ଦେଖୁଚି, ବିରାଟ ପ୍ରାଚୀରରେ ଲୁହାର ଚଉଡା ଗେଟ । ଗେଟ ଉପରେ ଇଟା ସିମେଣ୍ଟରେ ବିରାଟ ତୋରଣ । ଭିତରେ, ଆଲୋକିତ ପରିବେଶରେ ଫୁଲ ଏବଂ ଅନ୍ୟାନ ଗଛଗୁଳ୍ମ ମାନଙ୍କର ସଜ୍ଜିତ ସବୁଜିମା । ମୋଟାମୋଟି ପାର୍କଟିଏର ସୁଦୃଶ୍ୟ । ମନର ପ୍ରଶ୍ନ ମନରେ ଥାଏ । ପଚାରିବାକୁ ଇଛା ହଉନଥାଏ କାହାରିକୁ । ଆଖିପଡିଲା ସିମେଣ୍ଟ ତୋରଣର ଶୀର୍ଷରେ ଲେଖା ଉପରେ । ପଢ଼ିଲି - ସ୍ୱର୍ଗଦ୍ୱାର । ସନ୍ଦେହ ମୋଚନ ହେଲା । ସ୍କୁଲରେ ପଢିବାବେଳେ ଶୁଣିଥିଲି ଶ୍ମଶାନଟିଏ ଥିବାର ଏଠି, ଯଦିଚ ଏବାଟେ ଆସିବାକୁ କେବେ ମନ ବଳିନି । ଶ୍ମଶାନର ବିଭତ୍ସତା ସେତେବେଳେ ଭୟଙ୍କର ମନରେ । ଏବେ ଦେଖୁଚି ପ୍ରାୟ ସେଇ ସ୍ଥାନରେ ହେଇଚି ସ୍ୱର୍ଗଦ୍ୱାର । ଶ୍ମଶାନର ଆଧୁନିକୀକରଣରେ ପରିବର୍ତ୍ତିତ ରୂପ ।

ଆମ ଭିତରୁ ଜଣେ ଉଭାନ ହେଇ ଗଲେ ଅନ୍ଧାରରେ । ବାକି ସମସ୍ତେ ନିରବ ଅପେକ୍ଷାରେ । ମୁଁ ଚୁପଚାପ ଅପେକ୍ଷାରେ ଥାଏ ପରବର୍ତ୍ତୀ କାର୍ଯ୍ୟକ୍ରମର । ପାଞ୍ଚମିନିଟ ଭିତରେ ଫେରି ଆସିଲା ଲୋକଟି । ପଛେପଛେ ମହିଳା ଜଣେ । ଝପଟେଇ ଚାଲିଥାଆନ୍ତି ଲୋକସହ । ମହିଳାଜଣକ ଆସି ଗେଟ ଖୋଲିଲେ । ଗାଡ଼ି ଭିତରକୁ ନେଇ ନିର୍ଦ୍ଦିଷ୍ଟ ଜାଗାରେ ରଖିବାକୁ କହିଲେ । ଆମେ ଗାଡ଼ିରଖି ତାଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅପେକ୍ଷାରେ ଥାଉ । ସେ ପାଖ ଗୋଲାରୁ ବଡ଼ବଡ଼ ଫଡା ଯାଇଥିବା କାଠ ସବୁ ନିଜେ ବୋହିଆଣି ସିମେଣ୍ଟ ପିଣ୍ଡିରେ କିଛି ସଜେଇ କିଛି ପାଖରେ ରଖି ଆମକୁ ନିର୍ଦ୍ଦେଶ ଦେଲେ ଗାଡିରୁ ଶବ ଓହ୍ଲେଇବାକୁ । ମୋତେ ତାଜୁବ ଲାଗୁଥାଏ । ଇଏ ଜଣେ ସାଧାରଣ ମହିଳା, ନା ଯମଦୂତୀ ? ଡରବି ଲାଗୁଥାଏ ତାଙ୍କ ଏତାଦୃଶ କର୍ମରେ । କେବେ ଏହା ସମ୍ଭବ ଜଣେ ମହିଳା ପକ୍ଷେ ? ବୟସ ଅନୁମାନ ପଇଁତ୍ରିଶ ଚାଳିଶ ଭିତରେ । ଶ୍ୟାମଳ ରଙ୍ଗରେ ସ୍ୱାସ୍ଥବତୀ । ହସହସ ମୁହଁ । ନା ଡର, ନା ସଂକୋଚ । ବରଂ କର୍ମରେ ଆଗ୍ରହ ଓ ଆନନ୍ଦ ବାରିପଡୁଥାଏ ତାଙ୍କଠି ବେଶ ।

ଆମେ ସାଙ୍ଗରେ ଧରି ଯାଇଥିବା ଛ'ଖଣ୍ଡି କାଠର କୋକେଇ ସଜେଇ, କାନ୍ଧଦେଇ ଶବକୁ ଆଣିଲୁ ରାମନାମ ସତ୍ୟ ଉଚ୍ଚାରି । ତାଙ୍କ ସହାୟତାରେ କୋକେଇରୁ ଶବ ଉଠେଇ ଶୁଆଇ ଦିଆଗଲା କାଷ୍ଠଶେଜ ଯୁଇରେ । ବାକିଥିବା କାଠଗୁଡିକୁ ସଜେଇ ଦେଲେ ମହିଳା ଶବଉପରେ ତାଳୁରୁ ତଳିପା । ଗୋଟେ ବରିଆରେ ନିଆଁ ଧରେଇ ଡାକିଲେ ମୁଖାଗ୍ନି ଦେବାକୁ । ସୁରେଶ ଶବକୁ ପ୍ରଦକ୍ଷୀଣ କରି ମୁହଁରେ ନିଆଁଦେଲା ବାପାଙ୍କର ।

--- ତମେ ଏବେ ଦେଖ । ମୋତେ କର୍ମ କରିବାକୁ ଦିଅ ।

କହି,ମହିଳାଜଣକ ସୁରେଶ ହାତରୁ ନିଆଁ ବରିଆ ନେଇ ଲାଗି ପଡିଲେ ଯୁଇ ଜଳାରେ । ହୁତୁ ହୁତୁ ହେଇ ଜଳିଲା ଯୁଇ । ଆମେ ଦେଖୁଥାଉ ଜଳାନ୍ତା ଯୁଇସହ ମହିଳାଙ୍କ କର୍ମ ତତ୍ପରତାକୁ ।

--- ଆପଣମାନେ ରହିବେତ ରହନ୍ତୁ । ନାଇଁତ, ଅସ୍ଥି ନେବାର ପାତ୍ରଦେଇ ମୋତେ ଚାଲିଯାଆନ୍ତୁ । ସକାଳେ ଆସି ନେଇଯିବେ ଅସ୍ଥି ମୋ'ଠୁ । ଶବ ଜଳୁଜଳୁ ପାଇଯିବ ରାତି ।

ମହିଳା ଜଣକ କହିଲେ, ବାଡ଼ିରେ କେଞ୍ଚୁକେଞ୍ଚୁ ନିଆଁକୁ । ନିର୍ଦ୍ଧାରିତ ଖର୍ଚ୍ଚ ପୈଠକରି ଆମେ ଫେରିଲୁ ତାଙ୍କ ଦାୟିତ୍ୱରେ ଶବଛାଡି ।

ଗାଡିରେ ପଚାରିଲି ସୁରେଶକୁ, ଭାଇ, ସନ୍ଦେହ ଓ ଆଶ୍ଚର୍ଯ୍ୟର ଗଭୀର ଜଳରେ ମୁଁ । ମୋତେ ଟିକେ ଉଦ୍ଧାର କରିବ ? କିଏ ସେ ମହିଳା ? କିପରି କରୁଛି ଏ କାମ ? ପୁଣି ଶ୍ମଶାନରେ ଏକାକିନୀ । ରାତ୍ରୀର ବିଳମ୍ବିତ ପହରରେ । ନା ଡର, ନା ଭୟ । ସିଏ ମାନବି, ନା ଦେବୀ ? ସୁରେଶ ନିରବ ଥାଏ । ଦୁଃଖ ଦରିଆରେ ଅବଗାହନରୁ ଫେରି ଏତିକି କହିଲା - ତୁ ତାକୁ ପ୍ରଥମେ ଦେଖୁଚୁ ଯେହେତୁ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ଏବେ ମୁଁ କିଛି କହି ପାରିବିନି ତା ସମ୍ପର୍କରେ । ପରେ ସମୟ ଦେଖି କହିବି ସବିଶେଷ । ଖାଲି ଏତିକି ଜାଣିଥା, ଯାହା ତୁ ଦେଖିଲୁ, ସେ ସେଇଆ । ଜଣେ ସାଧାରଣ ମାନବି । ନାଁ ତାର ଲକ୍ଷ୍ମୀ । ଏଇଠି, ଶ୍ମଶାନ ପାଖାପାଖି ବସପାରିବାରେ ରହେ ।

ସେଦିନ ରାତି ପାହିଛି ମୋର ଅନିଦ୍ରାରେ । ଆଖିରେ ଲକ୍ଷ୍ମୀ । ଚିନ୍ତାରେ ତାର କର୍ମ । ଭାସୁଥାଏ ଚଳଚ୍ଚିତ୍ରର ଛବି ପରି । କିପରି ଏକଲା ରହୁଛି ଶବସହ ସାରାରାତି ଶ୍ମଶାନରେ ? ଆମେ ବିଛଣାରେ ବିଶ୍ରାମ ନେଉଥିବା ବେଳେ ଲକ୍ଷ୍ମୀ ବ୍ୟସ୍ତ ଶବାଭିସାରରେ ସାରାରାତି,ଶ୍ମଶାନରେ ।

ସକାଳେ ସୁରେଶ ଡାକିଲା ଅସ୍ଥି ଆଣିଯିବାକୁ । ଗଲି ତା ସାଥିରେ । ଏଥର ସିଧା ସେ ପହଂଚିଲା ଲକ୍ଷ୍ମୀଘରେ । ଆମକୁ ଦେଖୁଦେଖୁ ଚାବିଧରି ସେ ଆସିଲା । ଗେଟଖୋଲି ପ୍ରବେଶିଲା ଶ୍ମଶାନକୁ । ଆମେ ତା ପଛେପଛେ । ଯାଇ ପହଂଚିଲା ଯୁଇ ନିକଟରେ । ଯୁଇ ନିଭି ସାରିଥାଏ । ଗୋଟିଏ କୋଣକୁ ଥୁଆ ଯାଇଥିବା ନାଲି କପଡାରେ ମୁହଁବନ୍ଧା କଳସଟିଏ ଆଣି ଧରେଇଲା ସୁରେଶକୁ । ସୁରେଶ ତା ହାତରୁ କଳଶ ନେଇ ଶହେଟଙ୍କିଆ ନୋଟଖଣ୍ଡେ ଧରେଇଲା ତାକୁ । ସହାସ୍ୟ ସେ ଗ୍ରହଣ କଲା । ଆମେ ଫେରିବାକୁ ଯାଉଚୁ, ମୁଁ ଅଟକି ଅନେଇଲି ତାକୁ । ମୋତେ ଦେଖି ସେ ପଚାରିଲା, କିଛି କହିବେକି ମୋତେ ? କହିଲି, କହିବାକୁତ ବହୁତ ଅଛି । ସମୟ କାଇଁ ? ସଂକ୍ଷେପରେ କହିବ ଯାହା ମୁଁ ପଚାରିବି ?

--- ପଚାରନ୍ତୁ ଯାହା ପଚାରିବାର ।

ଆଗ୍ରହ ପୂର୍ବକ କହିଲା ଲକ୍ଷ୍ମୀ ।

--- ତମ ପରିବାରରେ ଆଉ କିଏ ଅଛନ୍ତି ?

-- ମୋ ସ୍ୱାମୀ,ଆଉ ପାଞ୍ଚଟି ସନ୍ତାନ ଆମର ।

--- ସ୍ୱାମୀଙ୍କ କାମ ଇଏ । ତାଙ୍କ ଜାଗାରେ ତମେ.. ?

--- ଦେଖ ବାବୁ, ଲଭମ୍ୟାରେଜ ପରେ ଆମେ ଘର ଛାଡିଦେଇଚୁ । ଆଉ ଫେରିନୁ । ମୁନିସିପାଲିଟିରେ ଚାକିରୀ ଥିଲା ଏଙ୍କର । ଏଇ କାମରେ । ଅସୁସ୍ଥତା ହେତୁ ନପାରିବାରୁ ଚାକିରୀ ଯିବାର ଜାଣି ଓହ୍ଲେଇଲି ମୁଁ । ଏକା କାମକୁ । ପିଲା ଭାସିଯିବେ । ଜୀବନର ଆହ୍ୱାନରେ ଆପଣେଇ ନେଲି କର୍ମ ଅକର୍ମ ନିର୍ବିଚାରରେ । ମୁନିସିପାଲିଟିବି ଦୟା କଲେ । ତାଙ୍କର କାମ ଦରକାର । ଯିଏବି ହୁଅନ୍ତୁ । ସେବେଠୁ ଦଶବର୍ଷ ଧରି କରିଆସୁଛି । ଖୁସିରେ ଅଛୁ ।

--- କେତେ ସତ୍କାର କଲଣି ଆଜିଯାକେ ?

--- ପ୍ରାୟ ଦଶ ହଜାର । ଡେଲି ପାଞ୍ଚ ଛଅ । ରାତି ଦିନ, ବର୍ଷା ଖରା, ଶୀତ କାକର ଫରକ ନାଇଁ । ଯେବେ ଯିଏ ପହଁଚିଛି, କର୍ମ କରିଛି ବିନା ଦ୍ୱିଧାରେ । ସମସ୍ତେ ବାହାବା ଦିଅନ୍ତି । ଲକ୍ଷ୍ମୀ ପରିଚିତ ସମସ୍ତଙ୍କ ସହ । ଧନୀ ନିର୍ଦ୍ଧନ ନିର୍ବିଚାରରେ ।

--- ଡର ଲାଗେନା ?

--- ମଲାପରେ ମଣିଷଠି ଆଉ ଥାଏ କଣ ? ନିର୍ଜୀବ କାଠ ଗଣ୍ଡିଟାଏ । ଜାଳିଦେବା କାମ ମୋର । ତା ଛଡା, ଏ ପବିତ୍ର କର୍ମରେ ଈଶ୍ୱରଙ୍କ ଆଶିର୍ବାଦ ଥାଏ । ସେଇମୋର ଏକା ସାହା । ଈଶ୍ୱର ଯାହାକୁ ସାହା, ତା'ର ଆଉ ଡର କାହାକୁ ?

ସୁରେଶ ବ୍ୟସ୍ତ ହେଲା । ଅପଚରା ପ୍ରଶ୍ନ କିଛି ମନରେ ଧରି ମୁଁ ଫେରିଲି । ଆସିବା ବେଳେ କାଇଁକି କିଜାଣି ହାତ ମୋର ଛାଁ'କୁ ଯୋଡି ହେଇଗଲା ଲକ୍ଷ୍ମୀ ଉଦ୍ଦେଶ୍ୟରେ । ସ୍ମିତହସି ସିଏବି ହାତ ଯୋଡ଼ିଲା ।

ବାଟରେ ଭାବୁଥାଏ, ସମୟ ସତେ କେତେ ବଦଳି ଯାଇଛି । ନାରୀ ହେଇଛନ୍ତି ସଶକ୍ତ । ମିଗ ଉଡେଇବାଠୁ ଟ୍ରେନ ପ୍ଲେନରେ ପାଇଲଟି କରିବା, ସୈନ୍ୟ ବାହିନୀରେ ଯୋଗଦେବା ଶୁଣିଥିଲି । ଏଠି ଦେଖୁଚି ସେସବୁ କାମକୁ ପଛରେ ପକେଇ ଗ୍ରାମୀଣ ସହରଟିଏର ମହିଳା ଜଣେ ସଶକ୍ତିକରଣର ସର୍ବାଗ୍ରେ । ଧନ୍ୟ ନାରୀ । ଧନ୍ୟ ତମର ଶକ୍ତି । ଧନ୍ୟ ଧନ୍ୟ ଶତ ଧନ୍ୟବାଦ ଲକ୍ଷ୍ମୀ ତମକୁ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫.

# ଦେବୀ ମା'ଙ୍କ ଆଶୀର୍ବାଦ



ଘନଶ୍ୟାମ ପଲେଇ



ପ୍ରତିମାସ ପରି ଏଥର ମଧ୍ୟ ବାପାଙ୍କୁ ନେଇ ଭୁବନେଶ୍ୱର ବାହାରିଥାଏ । ଗାଁ ଛକରୁ ନାଇଟ୍ ବସ ଛାଡେ ଠିକ୍ ଆଠଟା ପଇଞ୍ଚାଳିଶରେ । ଆହୁରି ଦଶମିନିଟ ବାକି ଥାଏ, ବସ ଷ୍ଟପରେ ବାପ-ପୁଅ ଦୁହେଁ ବସି ଅପେକ୍ଷା କରିଥିଲୁ ଅନ୍ୟ କେତେଜଣ ପାସେଞ୍ଜରଙ୍କ ସହ । ମୋ ଫୋନଟା ବାଜି ଉଠିଲା । ଉଠେଇଲି । ସେପଟୁ ଶୁଭିଲା ଏକ ଦୁଃଖ ଜର୍ଜରିତ ଆଦ୍ର ସ୍ୱର --- ବାବୁ ! କହୁଛୁ କିରେ ! ମୁଁ ବୃନ୍ଦାବନ ମଉସା କହୁଥିଲି ।

---- ହଁ ମଉସା କହନ୍ତୁ । କେମିତି ଅଛନ୍ତି । ମୁଁ ଉତ୍ତରରେ କହିଲି ।

ବୃନ୍ଦାବନ ମଉସା ନିଜର ନ ହେଲେ ବି ନିଜର ଠୁ ବଳି । ପାଖ ସହରରେ ରହୁଥିଲେ ସିଏ । ବାପାଙ୍କ ସହ ଟିକିଏ ଘନିଷ୍ଠତା ଅଧିକ । ମୁଁ ସ୍ନେହରେ ତାଙ୍କୁ ଡାକେ ମଉସା । ଠେଲାଟିଏ ଥିଲା ତାଙ୍କର । ସେଇଥିରେ ପତ୍ରପତ୍ରିକା ଆଉ ବିଭିନ୍ନ ବହିସବୁ ବିକନ୍ତି ବୁଲି ବୁଲି ସହର ସାରା । ଦିନରେ ଅଫିସ ସମୟକୁ କଚେରୀ କଡ ପାଚେରୀ ପାଖକୁ ଲଗାନ୍ତି ଠେଲା । ସେଇଥିରେ ଯାହା ଆସେ ଗୁଜୁରାଣ ମେଣ୍ଟେ ତାଙ୍କରି । ଭଲ ଦି' ପଇସା ନ ହେଲେ ବି ମଉସା ମାଉସୀ ଦି'ଟା ଚଳି ଯାଉଥିଲେ କଷ୍ଟେମଷ୍ଟେ । ବାପା ସହ ଯେବେ ସହରକୁ ଯାଏ ମୁଁ , ମୋତେ ଏଇ ମଉସା ପାଖରେ ଛାଡିଦେଉ ଥିଲେ ବାପା । ନୁଆ ନୂଆ ପତ୍ରିକା ସବୁ ପଢିବାକୁ ଦେଉଥିଲେ ମଉସା । ପଢି ଭାରି ମଜା ଲାଗୁଥିଲା ମୋତେ । ବାପା ଅଫିସରୁ ଯଦି କୁହାକୁହି କରି ଆସି ନ ପାରିଲେ, ଖାଇବା ସମୟକୁ ମଉସା ଡାକି ନେଉଥିଲେ ତାଙ୍କ ଘରକୁ । ମାଉସୀ ଭାରୀ ଖୁସୀ ହେଉଥିଲେ ମୋତେ ଦେଖି । ଖୁସିରେ କୁରୁଳି ଉଠୁଥିଲେ ମୋତେ ପାଇ । ମୋତେ ଖାଇବାକୁ ଦେଉଥିଲେ ବଳେଇ ବଳେଇ । ପରେ ଜାଣିଲି ମାଉସୀ କାହିଁକି ମୋତେ ଟିକିଏ ବେଶି ଭଲ ପାଉଥିଲେ । ବହୁ ବର୍ଷ ତଳେ ରୋଡ ଆକ୍ସିଡେଣ୍ଟରେ ମରିଯାଇଥିବା ତାଙ୍କରି ପୁଅ ପରି ମୁଁ ଦିଶେ କାଳେ । ମୋତେ ଦେଖିଲେ ତାଙ୍କୁ ମିଳିଯାଏ କୋଟିନିଧି ଜାଣ ।

ଏଇ ଭିତରେ ଅନେକ ବର୍ଷ ଗଲାଣି ବିତି । ହାଇସ୍କୁଲ ସରିଲା ଠୁ ମୁଁ ବାହାରେ ବାହାରେ । ନାଁ ଗାଁକୁ ଯାଇ ପାରେ ଠିକ୍ ସେ ନା ସହରର ଏଇ ମଉସା ପାଖକୁ । ଏବେ ଏବେ ତ ନୁଆ ଚାକିରୀ ଖଣ୍ଡେ ପାଇଛି । ଚାକିରୀ ପାଇବାକୁ ବାପାଙ୍କ ହାର୍ଟ ଅପରେସନ । ପୁଣି ଫି ମାସ ଯାଇ ବାପାଙ୍କ ମେଡିକାଲ ଚେକଅପ । ଆଉ ବେଳ କାଇଁ ନା ପଇସା କାହିଁ ଆଉ କାହାର ଭଲମନ୍ଦ ବୁଝିବାକୁ । ମାସକୁ ଥରେ ଛୁଟିରେ ଆସି ବାପାଙ୍କୁ ନିଏ ମେଡିକାଲ ଚେକଅପ ପାଇଁ ।

ବହୁ ଦିନ ପରେ ମଉସାଙ୍କ ଫୋନ ପାଇ ଲାଗୁଥାଏ ଖୁସି । ପୁଣି ସେପଟୁ ଭାସି ଆସିଲା ସେଇ ଚିହ୍ନା ଶବ୍ଦ

--- ପୁଅ କେମିତି ଅଛୁ ! ଆଉ ତ ବାପା କେମିତି !

--- ହଁ ମଉସା, ବାପାଙ୍କ ହାର୍ଟ ଅପରେସନ ପରେ ଚାଲିଛି ମେଡିସିନ । ଡାଇବେଟିସ ତ କମିବାର ନାଁ ନେଉନି । ଏଣିକି ପେଟରେ ବି ନେବାକୁ ହେଉଛି ଇନସୁଲିନ୍ । ଛାଡନ୍ତୁ ! ଆଉ ଆପଣ ଆଉ ମାଉସୀ କେମିତି ଅଛନ୍ତି କହିଲେ, ଆଗ ?

---- ବୋଧେ ଦି ଟୋପା ଲୁହ ଖସିଗଲା ତାଙ୍କ ଆଖିରୁ । ସୁଁ ସୁଁ ହେଇ କହିଲେ । କ'ଣ କହିବି ପୁଅ ! ମୋ ଅଣ୍ଟାରେ ଆଉ ଜୁ ନାଇଁ । ଯାହା ଥିଲା ସବୁ ସରିଲାଣି ମେଡିକାଲ ଖର୍ଚ୍ଚରେ । ପେଟ କାଟୁଥିଲା ମାଉସୀର । ଦେଖେଇଲି ବଡ ପ୍ରାଇଭେଟ ମେଡିକାଲରେ । କହିଲେ ଛୋଟ ଅପରେସନଟିଏ ହେବ ପେଟ ଅନ୍ତଃନଳୀରେ । ନ ହଲେ ଘା' କୁଆଡେ କ୍ୟାନସରକୁ କରିବ ଗତି । ଉପାୟ ନ ପାଇ ଭୟରେ କରାଇଲି ଅପରେସନ । ହେଲେ ଫଳ ଫଳିଲା ଓଲଟା । ରୋଗୀ ଭଲ ହେବ କ'ଣ ? ପାଇଲା ଆହୁରି କଷ୍ଟ । ଭୁଲ ନଳୀକୁ କାଟି ପକେଇଲେ । ପଇସାକୁ ପଇସା ଗଲା । ତଳି ତଳାନ୍ତ ହେଇ ମନବଳ ବି ଗଲା ଭାଙ୍ଗି । ଏବେ ଭଗବାନକୁ ଭରସା କରି ସରକାରୀ ହସପିଟାଲରେ ପଡିଛୁ । ଏଇଠି ଠିକଠାକ୍ ଚାଲିଛି ଟ୍ରିଟମେଣ୍ଟ । ଭଲ ହେଇ ଆସିଲାଣି ତୋ ମାଉସୀ । ଆଉ ପନ୍ଦର ଦିନ ରହିବାକୁ ହେବ, ଘା ଶୁଖିଲେ ଚାଲିଯିବୁ ନିଜ ସହରକୁ ।

ଦୁଃଖଗୁଡାକୁ ଢୋକିବାକୁ ଚେଷ୍ଟା କରୁକରୁ ସ୍ୱାଭିମାନୀ ମଣିଷଟା ବେଳେବେଳେ ହାରିଯାଏ ନିଜର ଭାବୁଥିବା ମଣିଷ ଟିକକ ସହ କଥା ହେଲାବେଳେ । କୋହଭରା କଣ୍ଠରେ ମଉସା ଦୀର୍ଘ ନିଶ୍ୱାସଟାଏ ଛାଡି କହିଲେ --- ପାଖରେ ପଇସାଟାଏ ନାହିଁ, ଓଳିଏ ଖାଇଲେ ଆର ଓଳିକୁ କାହାର ହାତ ଟେକାକୁ କରୁଛୁ ଅପେକ୍ଷା । ଧାର ଉଧାରରେ ବୁଡି ସାରିଲିଣି । ଚିହ୍ନିଥିବା ସବୁ ଲୋକଙ୍କଠୁଁ ନେଇ ସାରିଲିଣି ସାହାଯ୍ୟ । କେତେ ବା କରିବେ ସାହାଯ୍ୟ । ମୁହଁ ଫେରେଇଲେଣି ଏଣିକି । ଭଗବାନ ଭରସା ବାବୁ ! । ଏଇଠୁ ମୁକୁଳି ଦୋକାନ ଖୋଲି ପାରିଲେ ତ ହେବ କିଛି !!

ଭାରି ଦୁଃଖ ଲାଗିଲା ତାଙ୍କ ଜୀବନ ଯୁଦ୍ଧର କାହାଣୀ ଶୁଣି । ମୁଁ ଜାଣି ପାରିଲି ଶେଷ ଆଶା ଆଉ ଭରଷାରେ ମୋତେ ଲଗେଇଛନ୍ତି ଫୋନଟି ।

ବସ ଆସିବାର ହର୍ଣ୍ଣ ଶୁଣାଗଲା ।

--- ହଉ ମଉସା ଚିନ୍ତାକର ନାହିଁ । କାଲି ମୁଁ ବାପାଙ୍କୁ ଡାକ୍ତର ଦେଖେଇ ସାରି ତମକୁ ଦେଖାକରିବି । ଫୋନ କାଟି ଦୀର୍ଘ ନିଶ୍ୱାସଟିଏ ଛାଡିଲି ।

ସ୍ଲିପର ସିଟରେ ବାପାଙ୍କୁ ଦେଲି ଚଢେଇ । କାଳେ ଏସି ପବନରେ ଲାଗିପାରେ ଥଣ୍ଡା, ଚଦରଟେ ଅଣ୍ଟା ଯାଏଁ ଘୋଡେଇ ଦେଲି ବାପାଙ୍କୁ । ମୁଁ ପୁସବ୍ୟାକ ସିଟଟାକୁ ପଛକୁ ଲମ୍ବେଇ ବସିଗଲି ନିଜ ସିଟରେ ଯାଇ ।

ରାତିରେ ଶୋଇବାକୁ ଚେଷ୍ଟା କରି ବି ପାରୁ ନଥାଏ ଶୋଇ । ଭାବୁଥାଏ ବୃନ୍ଦାବନ ମଉସାଙ୍କ ଅସହାୟତାକୁ । ଭରସା ତ ଦେଇଦେଲି ହେଲେ ପାରିବି ତ କଥା ରଖି । ଏପଟେ ବାପାଙ୍କ ମେଡିକାଲ ଖର୍ଚ୍ଚ ସେପଟେ ଦେଇଥିବା ଭରସା । ନୂଆ ନୂଆ ରୋଜଗାର । ସବୁ ତ ଯାଉଛି ମେଡିକାଲ ଖର୍ଚ୍ଚ ବାବଦକୁ । ମନ ଭିତରେ ସତରେ ଯିମିତ କିଏ ଅତର୍କିତ ଭାବେ ପକାଇ ଚାଲିଥାଏ ବୋମା । ହଁ ନାଁ ର ଚାଲିଥାଏ ଗୋଟେ ଘୋମାଘୋଟ ଯୁଦ୍ଧ । ଏଣେ ଗାଡି ଦ୍ରୁତ ଗତିରେ ମାଡି ଚାଲିଥାଏ ଅନ୍ଧାରକୁ ଚିରି ଚିରି ।

ତା' ପରଦିନ କ୍ଲିନିକରେ ପ୍ରଥମେ ଦେଲୁ ବ୍ଲଡ ସାମ୍ପୁଲ । ଉପର ବେଳା ଯାଇ ମିଳିବ ରିପୋର୍ଟ । ତାକୁ ଦେଖି ଡାକ୍ତର ଲେଖିବେ ଔଷଧ ପତ୍ର । ସେ ଯାକେ ମିଳିଗଲା ସମୟ ।

ରୁମରେ ବାପାଙ୍କୁ ବିଶ୍ରାମ ନେବାକୁ କହି ଅଟୋଟାଏ କରି ପହଞ୍ଚିଲି ସରକାରୀ ଡାକ୍ତରଖାନାରେ । ମୋତେ ଦେଖି ମଉସାଙ୍କ ଆଖି ହେଇଗଲା ଛଳ ଛଳ । ମାଉସୀ ତ ହେଇ ଉଠିଲେ ଗଦଗଦ । ଶୁଖିଲା ହାଡୁଆ ମୁହଁର କୋରଡ ଭିତରୁ ଆଖି ଦି'ଟା ଜଳି ଉଠିଲା । ମୋର ହାତକୁ ତାଙ୍କ ଶିରାଳ ହାତରେ ଜାବୁଡ଼ୁ ଧରି ଆଙ୍କିଦେଲେ ସ୍ନେହମୟୀ ମମତାର ସରୁ ଚୁମାଟିଏ ।

ଫେରିଲାବେଳେ ମଉସା ଏକ ଅସହାୟ ଚାହାଁଣୀରେ ଅନେଇ ରହିଲେ । ମୁଁ ମନେ ମନେ ହିସାବ କରୁଥାଏ ମୋ ପାଖରେ ଥିବା ଟଙ୍କାର । ମୋଟରେ ଆଉ ଅଛି ବାର ହଜାର । ବାପାଙ୍କ ମେଡିସିନ ଖର୍ଚ୍ଚ ତ ପ୍ରତି ମାସ ହେଉଛି ଦଶହଜାର ପୁଣି ଟଙ୍କା ହଜାରେ ଦେବାକୁ ହେବ ହୋଟେଲ ବାଲାକୁ । ତା' ସାଙ୍ଗକୁ ଯିବା ଆସିବା ଭଡା ଅଛି । ଆଉ ବଳିବ କୋଉଠୁ ଯେ ଦେବି କେତେ ମଉସାଙ୍କୁ ? ଏତକ ଭାବୁ ଭାବୁ ଟଙ୍କା ପାଞ୍ଚ ହଜାର ବାହାର କରି ବଢେଇ ସାରିଲେଣି ମଉସାଙ୍କୁ । ମଉସା ପଇସା ତକ ପାଇ ଖାଲି ଢାଳି ଚାଲିଥାନ୍ତି ଆଶୀର୍ବାଦର ଲୁହଟୋପା ।

ସନ୍ଧ୍ୟାରେ ବାପାଙ୍କ ସବୁ ରିପୋଟ ନେଇ ଡାକ୍ତରଙ୍କୁ ଦେଖେଇଲୁ । ରିପୋର୍ଟ ସବୁକୁ ଡାକ୍ତରବାବୁ ଅନେକ ବେଳ ଯାଏଁ ଏପଟ ସେପଟ କରି ଦେଖିଲେ । ଏହା ଦେଖି ମୋର ଛାତି ହେଲା ଧଡପଡ । କିଛି ଅସୁବିଧା ହେଲା କି ଆଉ ? ବଢି ଗଲା କି ବାପାଙ୍କ ବିପି ସୁଗାର । ଠିକ୍ ଅଛି ତ ରିପୋର୍ଟ ସବୁ ?

ଡାକ୍ତର କହିଲେ --- ଆଶ୍ଚର୍ଯ୍ୟ ! ମୁଁ କେବେ ଏପରି ବ୍ୟତିକ୍ରମ ଦେଖି ନ ଥିଲି । ବିପି ପୁରାପୁରି ନର୍ମାଲ । ସୁଗାର ଲେବେଲ ଠିକ୍ ହେଇ ଆସିଲାଣି । ଇନସୁଲିନ ନେବା ଦରକାର ହେବ ନି ଆଉ, ପ୍ରତିଦିନ ଖାଲି ବଟିକାଟିଏ ଖାଇଲେ ଚଳିବ ।

କାଉଣ୍ଟରରୁ ମେଡିସିନ ନେଲାବେଳେ ପଚାରିଲି ଡରି ଡରି କେତେ ହେଲା--- ଦୁଇ ହଜାର ଆଠଶହ ।

ଖୁସି ହେଇଗଲି । ସତରେ କାହାର ଅସୁବିଧା ସମୟରେ ସାହାଯ୍ୟ କଲେ ଉପରବାଲା କୋଉ ନା କୋଉ ଉପାୟରେ କରନ୍ତି ସାହାଯ୍ୟ । ନିଜେ ଆଜି କରି ପାରୁଥିଲି ଅନୁଭବ । ବାପା ମୋର ସୁସ୍ଥ ହେଇଗଲେଣି ତା' ଠୁ ବଡ ଖୁସି ଆଉ କ'ଣ ଯେ ! ଖର୍ଚ୍ଚ ବି ସିଧା ଦଶ ହଜାରୁ ଖସି ତିନିହଜାର ତଳକୁ । ମନେ ମନେ ଖୁସି ହେଇ ଧନ୍ୟବାଦ ଦେଉଥିଲି ଉପରକୁ ଚାହିଁ । ହେଲେ ଏ କ'ଣ ମନର ଖୋଲା ଆକାଶରେ ଦିଶିଯାଉଥିଲା ମାଉସୀଙ୍କ ହସ ହସ ମୁହଁଟା । ଆଉ ଆଖି ଦି'ଟା ଲାଗୁଥିଲା ଦେବୀ ମା'ଙ୍କ ତେଜଦିପ୍ତ ଆଖିପରି ।

+ଟେନସା, ସୁନ୍ଦରଗଡ- ୭୭୦୦୪୨,
ମୋ- ୯୪୩୭୭୧୮୫୦୦

# ରାୟଗଡ଼ାରେ ଡିସେମ୍ବର ୨୦ରୁ ଧାନ ମଣ୍ଡି ଆରମ୍ଭ: ପ୍ରଥମ ପର୍ଯ୍ୟାୟରେ ୯,୫୩,୭୩୧ କ୍ୱିଣ୍ଟାଲ ଧାନ କିଣାଯିବ




ରାୟଗଡା, ୧୯/୧୧ (ନି.ପ୍ର): ରାୟଗଡାସ୍ଥିତ ଡିଆରଡିଏ ସଭାଗୃହରେ ଚଳିତ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ,ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଡିସମ୍ବର ୨୦ ତାରିଖରୁ ଖରିଫ ମଣ୍ଡି ୨୦୨୩-୨୪ ପାଇଁ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମଣ୍ଡିରେ ଚାଷୀଙ୍କ ଠାରୁ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଂକାରେ ଖରିଦ କରାଯିବ ଏବଂ ଏଫଏକ୍ୟୁ ଧାନକୁ କ୍ୱିଣ୍ଟାଲ ପିଛା ୨୨୦୩ ଟଂକାରେ ଖରିଦ କରାଯିବ ବୋଲି କୁହାଯାଇଥିଲା। ଚଳିତ ୨୦୨୩-୨୪ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ୯,୫୩,୭୩୧ କ୍ୱିଣ୍ଟାଲ ଧାନ ଜିଲ୍ଲାରୁ ଖରିଦ କରାଯିବ ବୋଲି କୁହାଯାଇଛି। ତେବେ ଏଥିରୁ ୬,୩୯,୦୦୦ କ୍ୱିଣ୍ଟାଲ ଚାଉଳ ବାହାରିବ ବୋଲି କୁହାଯାଇଛି। ମଣ୍ଡିରେ ତହସିଲଦାରମାନେ ନୋଡାଲ ଅଫିସର ରହିବେ।ସବ ଡିଭିଜନ ସ୍ତରରେ ଟାସ୍କ ଫୋର୍ସ ଗଠନ କରାଯିବ।ଉପଜିଲ୍ଲାପାଳ ମୁଖ୍ୟ ରହିବା ସହ ଏସିଏସଓ, ଏମଆଇ, ଏଆରସିଏସ, ଆଇଏସମାନେ ତଦନ୍ତ ଦାୟୀତ୍ୱରେ ରହିବେ ବୋଲି କୁହାଯାଇଛି। ତେବେ ଜିଲ୍ଲାରେ ୨୨୬୮୩ ଜଣ ଚାଷୀ ନିଜ ନାମ ପଞ୍ଜିକରଣ କରିଥିବା ବେଳେ ସେଥିରୁ ୬୫୭ ଜଣ ଫେକ ଚାଷୀ ବାହାରିବା ପରେ ୨୨୦୨୬ ଜଣ ଚାଷୀ ରହିଲେ। ଜିଲ୍ଲାରେ ରହିଥିବା ୧୪ଟି ଲ୍ୟାମ୍ପସ ମଧ୍ୟରୁ ବିଷମକଟକ ଲ୍ୟାମ୍ପସରେ ୨୬୫୦ ଜଣଚାଷୀ ନିଜ ନାମ ପଞ୍ଜୀକରଣ କରିଥିବା ବେଳେ ଚନ୍ଦ୍ରପୁର ଲ୍ୟାମ୍ପସରେ ୨୬୭ ଜଣ, ଗୁଡାରୀ ଲ୍ୟାମ୍ପସରେ ୧୨୮୯, ଗୁଣୁପୁର ଲ୍ୟାମ୍ପସରେ ୨୯୪୪ ଜଣ, କଲ୍ୟାଣସିଂହପୁର ଲ୍ୟାମ୍ପସରେ ୨୨୬୯ ଜଣ, କାଶୀପୁର ଲ୍ୟାମ୍ପସରେ ୪୭୨ ଜଣ, ଟିକିରି ଲ୍ୟାମ୍ପସରେ ୪୨୩ ଜଣ, କୋଲନରା ଲ୍ୟାମ୍ପସରେ ୧୪୩୪ ଜଣ, ମୁନିଗୁଡା ଲ୍ୟାମ୍ପସରେ ୧୨୭୨ ଜଣ, ଅମ୍ବାଦୋଳା ଲ୍ୟାମ୍ପସରେ ୭୭୮ ଜଣ, ପଦ୍ମପୁର ଲ୍ୟାମ୍ପସରେ ୩୬୫୯ ଜଣ, ରାମନାଗୁଡା ଲ୍ୟାମ୍ପସରେ ୩୨୩୩ ଜଣ, ରାୟଗଡା ଲ୍ୟାମ୍ପସରେ ୯୯୮ ଜଣ, ରାୟଗଡା ଏମପିସିଏସରେ ୩୩୮ ଜଣ ଚାଷୀ ଧାନ ବିକ୍ରି କରିପାରିବେ ବୋଲି କୁହାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧଇକାରୀ ସରୋଜ କୁମାର ସାହୁ, ଶୁଭଂସା ଭୋଇ, ଅତିରିକ୍ତ ଯୋଗାଣ ଅଧିକାରୀ ଦେବବ୍ରଜ ମହାପାତ୍ର ସମେତ ଜିଲ୍ଲାର ମିଲରମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ମ୍ୟୁଜିକ ସର୍କଲର ବାର୍ଷିକ ଉତ୍ସବ ରାଗୋତ୍ସବ ୨୦୨୩ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଜେଏସଡବ୍ଲୁ ଫାଉଣ୍ଡେସନ୍ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ 'ରାଗୋତ୍ସବ ୨୦୨୩' ଏକ ବର୍ଣ୍ଣାଢ୍ୟ ପରିବେଶରେ ଶନିବାର ରବିନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଛି । ସଂଧ୍ୟାର ପ୍ରଥମ ପରିବେଷଣ ତାଳବାଦ୍ୟ ପ୍ରକୃତି ଯାହାକୁ ପରିବେଷଣ କରିଥିଲେ ବିଶିଷ୍ଟ ତବଲା ବାଦକ ଡ଼. ସନ୍ଦିପ ରାଉତ ଓ ସାଥୀ । ସେମାନଙ୍କ ପ୍ରସ୍ତୁତିରେ ଥିଲା ୧୧ ଗୋଟି ଅଲଗା ଅଲଗା ବାଦ୍ୟଯନ୍ତ୍ର ସମଷ୍ଟିରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ । ସାଥୀ କଳାକାରମାନେ ଥିଲେ ମର୍ଦ୍ଦଳରେ ଜଳନ୍ଧର ନାୟକ, ଖୋଳରେ ତପନ ପଢିଆରି, ଖଞ୍ଜଣୀରେ ପ୍ରକାଶ ବେହେରା, ନାଲ ରେ ଦିପ୍ତି ରଞ୍ଜନ ବେହେରା, ଢୋଲକ ରେ ଲଳିତ କୁମାର କର, ଯୋଡ଼ିନାଗରାରେ ବିକି ମହାଲିଙ୍ଗ , ଢୋଲରେ କ୍ରୀଷ୍ଣ ରାଜ ପତି, ହାରମୋନିୟମ ରେ ଧନେଶ୍ୱର ଓଝା, ବଂଶୀରେ ଶ୍ରୀନିବାସ ଶତପଥୀ ଏବଂ ପରକ୍ୟୁଶନରେ ଅବିନାଶ ପତି । ସଂଧ୍ୟାର ଦ୍ୱିତୀୟ ତଥା ଅନ୍ତିମ ପରିବେଷଣ ଥିଲା ହୀନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତର ଯୁଗଳବନ୍ଦୀ ଯାହାକୁ ପରିବେଷଣ କରିଥିଲେ ସବିନା ମମତାଜ ଇସଲାମ ଓ ସଂଯୁକ୍ତା ବିଶ୍ୱାସ । ଦୁଇଜଣଙ୍କର ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଇତ୍ୟାଦି ଦ୍ୱାରା ସେ ଉପସ୍ଥିତ ବିଦଗ୍ଧ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସେମାନଙ୍କୁ ତବଲାରେ ପଣ୍ଡିତ ଅଶୋକ ମୁଖାର୍ଜୀ, ହାରମୋନିୟମରେ ରୂପଶ୍ରୀ ଭଟ୍ଟାଚାର୍ଯ୍ୟ ଏବଂ ତାନପୁରାରେ ପଦ୍ମାଳୟା ରଣା ଓ ସ୍ୱର୍ଣ୍ଣ ପ୍ରୀୟ ତରାଇ ସହଯୋଗ କରିଥିଲେ । ଉଦଘାଟନୀ ସଂଧ୍ୟାର ଅତିଥିମାନେ ଥିଲେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା; ଜେ.ଏସ.ଡ଼ବ୍ଲ୍ୟୁର ଫାଉଣ୍ଡେସନର ସି.ଏସ.ଆର ମୁଖ୍ୟ ପ୍ରଶାନ୍ତ ବିଶ୍ୱାଳ ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ । କାର୍ଯ୍ୟକ୍ରମଟିକୁ ପରିଚାଳନା ଓ ସଂଚାଳନାରେ ସାହାଯ୍ୟ କରିଥିଲେ ଡ଼ଃ. ସଙ୍ଗୀତା ଗୋସାଇଁ ।

## ଶେଷ ହେଲା ୨୮ତମ ଜୁନିୟର ବାଳିକା ହ୍ୟାଣ୍ଡବଲ ଚମ୍ପିଆନସିପ୍

କେନ୍ଦୁଝର , ୧୯/୧୧ (ନି.ପ୍ର): କେନ୍ଦୁଝର ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ୨୮ ତମ ଜୁନିୟର ବାଳିକା ଚମ୍ପିଆନସିପ ଆଜି ଶେଷ ହୋଇଛି । ଏଥିରେ ରାଜ୍ୟର ୧୩ ଟି ଜିଲ୍ଲା ଭାଗ ନେଇଥିଲେ । ଏହି ୧୩ ଟି ଜିଲ୍ଲାର ଟିମ୍ କୁ ୪ ଟି ଗ୍ରୁପରେ ଭାଗକରି ଲିଗ ମ୍ୟାଚ କରାଯାଇଥିଲା । ପ୍ରତ୍ୟେକ ଗ୍ରୁପରେ କେନ୍ଦୁଝର , ଗଞ୍ଜାମ ଯାଜପୁର ,ଓ ଜଗତସିଂହପୁର ଗୋଟିଏ ଲୋଖାଁଏ ଟିମ ସେମିଫାଇନାଲକୁ ଆସିଥିଲେ । ଏଥି ମଧ୍ୟରୁ କେନ୍ଦୁଝର-ଜଗତସିଂହପୁରକୁ ୧୧-୭ ଗୋଲରେ ଓ ଗଞ୍ଜାମ ଯାଜପୁରକୁ ୧୭-୪ ଗୋଲରେ ପରାସ୍ତ କରି ଫାଇନାଲକୁ ଉତିନ୍ନ ହୋଇଥିଲେ । ଫାଇନାଲରେ ଗଞ୍ଜାମ କେନ୍ଦୁଝରକୁ ୯ - ୬ ଗୋଲରେ ହରାଇ ଚମ୍ପିଆନ ହୋଇଛି । ଆଜିର ଉଦ୍‌ଯାପନି ଉତ୍ସବରେ କେନ୍ଦୁଝରଗଡ ମ୍ୟୁନିସପାଲଟିର ନିର୍ବାହୀ ଅଥିକାରୀ ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆର ଫାଉଣ୍ଡର ଶାଶ୍ୱତ ପଟ୍ଟନାୟକ , ରାଜ୍ୟ ହ୍ୟାଣ୍ଡବଲ ସଙ୍ଘର ସଂପାଦକ ମାନଓ କୁମାର ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।

# ରାଇକିଆରେ ମିଲେଟ୍ ଖାଦ୍ୟ ପ୍ରତିଯୋଗିତା

କନ୍ଧମାଳ, ୧୯/୧୧ (ନି.ପ୍ର): "ଆର୍ନ୍ତଜାତୀୟ ମିଲେଟ୍ ବର୍ଷ - ୨୦୨୩ "କୁ ପାଳନ ନିମନ୍ତେ, କୃଷି ବିଜ୍ଞାନ କେନ୍ଦ୍ର ଘୁ.ଉଦୟଗିରି, କନ୍ଧମାଳଙ୍କ ଆନୁକୂଲ୍ୟରେ ଏବଂ ମିଲେଟ୍ ମିଶନ ସ୍ୱାତୀ, ରାଇକିଆଙ୍କ ସହଯୋଗରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର, ରାଇକିଆ ଠାରେ ରାଇକିଆ ବ୍ଲକ୍ର ୭ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ୩୦ଜଣ ସଭ୍ୟାମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। "କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ନାରାୟଣ ବାର, କନିଷ୍ଠ ବୈଜ୍ଞାନିକ ସୁମିତ୍ରା ହେମ୍ବ୍ରମ୍, ରାଇକିଆ ବ୍ଲକ୍ର କୃଷି ଅଧିକାରୀ ଶ୍ରୀଯୁକ୍ତ ସଚ୍ଚିନ୍ଦ୍ର କୁମାର ସେଠୀ, କୃଷି ଅଧିକାରିଣୀ, ସୁଦିପ୍ତା ପ୍ରଧାନ, ରାଇକିଆ ଉଦ୍ୟାନ ବିଭାଗର ଲିପ୍ସାରାଣୀ ଦଳବେହେରାଙ୍କ ସହିତ ରାଇକିଆ ମିଲେଟ୍ ମିଶନ୍ର କର୍ମକର୍ତାଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ପ୍ରତିଯୋଗିତାରେ 'ଅନ୍ନପୂର୍ଣ୍ଣା ' ସ୍ୱୟଂ ସହାୟକ କାଣ୍ଡାବାଡା, ବେରେଡାକିଆ ପ୍ରଥମ, 'ମାଁ ମଙ୍ଗଳା' ବାନ୍ଦାପାଙ୍ଗା, ରାଇକିଆ ଦ୍ୱିତୀୟ ଏବଂ 'ଭବାନୀ' ସ୍ୱୟଂ ସହାୟକ ଗୋଷ୍ଠୀ, କିଲାକିଆ ତୃତୀୟ ସ୍ଥାନ ଅଧିକାର କରି "କୃଷି ବିଜ୍ଞାନ କେନ୍ଦ୍ର" ଦ୍ୱାରା ଆର୍ଥିକ ପୁରସ୍କାର ଦ୍ୱାରା ପୁରସ୍କୃତ ହୋଇଥିଲେ। ଏଥିରେ ବରିଷ୍ଠ ବୈଜ୍ଞାନିକ ଶ୍ରୀ ନାରାୟଣ ବାର, ମିଲେଟ୍ର ଥିବା ପୋଷକ ଖାଦ୍ୟର ଉପକାରିତା, ଖର୍ଚ୍ଚ କମ୍ ଅଧିକ ଅମଳ, ବର୍ତମାନ ସ୍ଥିତିରେ ଏହାର ଆବଶ୍ୟକତା ଏବଂ ସରକାରଙ୍କ ଦ୍ୱାରା ମୂଲ୍ୟବୃଦ୍ଧି ଉପରେ ଆଲୋକପାତ କରି ମହିଳାମାନଙ୍କ ଭୂମିକା ଉପରରେ ଗୁରୁତ୍ୱ ଦେଇ ମା'ମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱାତୀର କର୍ମୀ ଶ୍ରୀ ଗିରିଶ ଚନ୍ଦ୍ର ସାମଲ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ଉପସ୍ଥିତ ଅଧିକାରୀ ମାନଙ୍କୁ, କନିଷ୍ଠ ବୈଜ୍ଞାନିକ ସୁମିତ୍ରା ହେମ୍ବ୍ରମ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

# ଜିଲ୍ଲାସ୍ତରୀୟ ୭୦ତମ ସମବାୟ ମହୋତ୍ସବ ପାଳନ

କେନ୍ଦ୍ରାପଡ଼ା, ୧୯/୧୧ (ନି.ପ୍ର): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ୭୦ ତମ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଶୀମତୀ ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଏଆରସିଏସ ସନ୍ତୋଷ କୁମାର ଦାସ, ଡି.ଡି.ଏମ୍ ନାବାର୍ଡ ଅଶୋକ କୁମାର ଆଚାର୍ଯ୍ୟ କଟକ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅନନ୍ତ କୁମାର ସାମଲ, ଆର.ସି.ଏମ୍.ଏସ୍ ସଭାପତି ପ୍ରଫୁଲ୍ଲ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଂଚାସୀନ ଥିଲେ । ଏଆରସିଏସ ଶ୍ରୀ ଦାସ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହ ଅତିଥି ମାନେ ଦୀର୍ଘ ୧ ସପ୍ତାହ ଧରି ସମବାୟ ସମିତିର ୨ଗୋଟି ରଥ ଜିଲ୍ଲା ସାରା ବୁଲି କୃଷକମାନଙ୍କୁ ସଚେତନ କରୁଥିବା କଥା ପ୍ରକାଶ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସମବାୟ ସମିତି ଓ ଚାଷୀ ମାନଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା ଗୁଡିକୁ ସମିତି ମାଧମରେ କୃଷକ ମାନଙ୍କ ନିକଟରେ ପହଁଚାଇବା ସହିତ ବିନା ସୁଧରେ ଋଣ ପ୍ରଦାନ ଓ ଅନ୍ୟାନ୍ୟ ଯୋଜନା ସଂପର୍କରେ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଆର.ସି.ଏମ୍.ଏସ୍ ସଭାପତି ପ୍ରଫୁଲ୍ଲ ଦାସ ନିଜ ବକ୍ତବ୍ୟରେ ସମବାୟ ଆନ୍ଦୋଳନର ଆଭିମୁଖ୍ୟ ପ୍ରକାଶ କରିବା ସହ ଗୁଜୁରାଟ ସମେତ ଅନ୍ୟାନ୍ୟ ରାଜ୍ୟର ସମବାୟ ସମିତି ଗୁଡିକର ସ୍ଥିତି ଓ ଅଗ୍ରଗତି ସଂପର୍କରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । ସମସ୍ତଙ୍କ ସହଯୋଗରେ ଜନ ସାଦାରଣଙ୍କ ତଥା କୃଷି ଓ କୃଷକର ବିକାଶ ପାଇଁ ମହାତ୍ମାଗାନ୍ଧୀଙ୍କ ପରିକଳ୍ପିତ ସମବାୟ ସମିତି ଗୁଡିକର କାର୍ଯ୍ୟକୁ ବ୍ୟାପକ କରିପାରିଲେ ରାଜ୍ୟର ଆର୍ଥିକ ଚିତ୍ରର ପରିବର୍ତନ ଘଟିବ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ସମବାୟ ସପ୍ତାହ ଉପଲକ୍ଷେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରବନ୍ଧ ଓ ବକ୍ତୃତାର ପ୍ରତିଯୋଗିତା କରାଯାଇ ଥିଲା । ଏଥିରେ ଉତୀର୍ଣ୍ଣ ହୋଇଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିସହିତ କୃଷି ସମବାୟ ସମିତିରେ କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିବା ୧୯ ଜଣ ସହାୟକଙ୍କୁ ସମ୍ମାନିତ କରାଯାଇ ଥିଲା ।

## ନବଜାତ ଶିଶୁ ଯତ୍ନ ସପ୍ତାହ ପାଳିତ

କେନ୍ଦ୍ରାପଡ଼ା, ୧୯/୧୧ (ନି.ପ୍ର): ଶିଶୁ ଜନ୍ମର ପ୍ରଥମ ୨୪ ଘଂଟା ଓ ପ୍ରଥମ ୨୮ ଦିନ ଅତ୍ୟନ୍ତ ସମ୍ବେଦନଶୀଳ। ତେଣୁ ନବଜାତ ଶିଶୁଙ୍କ ଯତ୍ନ ଦିଗରେ ସମସ୍ତେ ସଚେତନ ହେବା ଜରୁରୀ ବୋଲି "ନବଜାତ ଶିଶୁ ଯତ୍ନ ସପ୍ତାହ" ପାଳନ ଅବସରରେ ବିଶେଷଜ୍ଞ ମାନେ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଏମ୍‌ଓ ଡା ପ୍ରମୋଦ କୁମାର ପ୍ରହରାଜ, ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡା ସଚ୍ଚିଦାନନ୍ଦ ମିଶ୍ର, ପ୍ରସୂତି ବିଶେଷଜ୍ଞ ଡା ଅଶୋକ କୁମାର କର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଡା ଅର୍ଚ୍ଚନା ଜ୍ଞାନ, ଡିପିଏମ୍ ଗୀତାଞ୍ଜଳୀ ଦାସ, ଡିଏମ୍‌ଆର୍‌ସିଏଚ୍ କୃଷ୍ଣଚନ୍ଦ୍ର ଲୋହା, ପ୍ରିନ୍ସିପାଲ୍ ଟ୍ୟୁଟର୍ ଭାରତୀ ସ୍ୱାଇଁ, ଏଏନ୍‌ଏମ୍ ଟ୍ରେନିଂ ସେଂଟରର ଛାତ୍ରୀ ଓ ଷ୍ଟାଫ୍ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ବର୍ଷ ନଭେମ୍ବର ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ "ନବଜାତ ଶିଶୁ ଯତ୍ନ ସପ୍ତାହ" ପାଳନ କରାଯାଉଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନବଜାତ ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଜନ୍ମ ପରେ ଶିଶୁ ମାନଙ୍କର ଉପଯୁକ୍ତ ଯତ୍ନର ଆବଶ୍ୟକତା ଉପରେ ଜନ ସାଧାରଣଙ୍କୁ ସଚେତନ କରାଇବା। "ନବଜାତ ଶିଶୁ ଯତ୍ନ ସପ୍ତାହ" ପାଳନ କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶ୍ରୀମତୀ ଶାନ୍ତିଲତା ଚାନ୍ଦ।

# ୫୮ବର୍ଷ ପରେ ଉଦ୍‌ଘାଟିତ ଏନସିସି ଗ୍ରୁପ୍ ହେଡକ୍ୱାର୍ଟର ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କେବେ ?




ଜୟପୁର, ୧୯/୧୧ (ନି.ପ୍ର): ରାଜ୍ୟର ଚତୁର୍ଥ ଏନସିସି( ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ)ର ଚତୁର୍ଥ ଗ୍ରୁପ ମୁଖ୍ୟାଳୟ ଦୀର୍ଘ ୫୮ବର୍ଷ ପରେ ଗତ ମାର୍ଚ୍ଚ ୨୦ତାରିଖ ଦିନ ଲୋକାର୍ପିତ ହୋଇଥିଲା। ଏନସିସି ପକ୍ଷରୁ ଏହି କାର୍ଯ୍ୟାଳୟର ସୁପରିଚାଳନା ପାଇଁ ସମସ୍ତ ଅଧିକାରୀ ମାନଙ୍କୁ ନିଯୁକ୍ତି ଦିଆସରିଛି। ତେବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ମୁଖ୍ୟାଳୟକୁ ପରିଚାଳନା ପାଇଁ ଅମଲା(କିରାଣୀ)ଙ୍କ ନିଯୁକ୍ତି କରି ନାହିଁ। ଯାହା ଫଳରେ ଏଠାରେ ଅଧିକାରୀ ଓ ଗୃପ ମୁଖ୍ୟାଳୟ ରହିଥିଲେ ହେଁ ଯେଉଁ ଉଦ୍ଦେଶ୍ୟରେ ଏହାକୁ ଏଠାରେ ସ୍ଥାପନ କରାଯାଇଥିଲା ତାହା କାର୍ଯ୍ୟକାରୀ ହୋଇ ପାରୁନି। ଏହି ଖୋଲିକି ନ ଖୋଲିବା ସମାନ ଅବସ୍ଥାରେ ରହିଛି। ପୂର୍ବ ପରି ବ୍ରହ୍ମପୁର ଗୃପ ମୁଖ୍ୟାଳୟ ଅଧିନରେ ହିଁ ଅବିଭକ୍ତ କୋରାପୁଟ ଜିଲ୍ଲା ଓ କଳାହାଣ୍ଡି ଜିଲ୍ଲାରେ ଥିବା ଏନସିସି ବାଟଲିଅନ୍ ଗୁଡିକର କାର୍ଯ୍ୟକ୍ରମ ଚାଲିଛି। ଏଭଳିକି ଏହି କାର୍ଯ୍ୟାଳୟ ପରିସରରେ ଚାଲିଥିବା (୧) ଇନଫେଣ୍ଟରୀ ଓ ବାଟଲିଅନ ମଧ ବ୍ରହ୍ମପୁର ଗ୍ରୁପ ମୁଖ୍ୟାଳୟ ଅଧିନରେ ଚାଲିଛି। ପ୍ରକାଶଯୋଗ୍ୟ, ରାଜ୍ୟରେ ୧୯୪୮ମସିହାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଏନସିସି ଆରମ୍ଭ ହୋଇଥିଲା। ୧୯୬୫ ମସିହାରେ କଟକ, ବ୍ରହ୍ମପୁର ଓ ସମ୍ବଲପୁର ଏଭଳି ତିନୋଟି ସ୍ଥାନରେ ଗ୍ରୁପ ମୁଖ୍ୟାଳୟ ରହିଥିଲା। ଦୀର୍ଘ ୫୮ବର୍ଷ ପରେ ରାଜ୍ୟର ଚତୁର୍ଥ ଓ ଦେଶର ୯୧ତମ ଗୃପ ମୁଖ୍ୟାଳୟ ଜୟପୁର ଠାରେ ଆରମ୍ଭ ହୋଇଥିଲା। ଏହା ଆରମ୍ଭ ହେବା ପରେ ଜୟପୁରରେ ଏନସିସି ଏକାଡେମୀ ଖୋଲିବା ଆଶା ବି ଉଜ୍ଜିବିତ୍ ହୋଇଥିଲା। ଜୟପୁରରେ ଗ୍ରୁପ ମୁଖ୍ୟାଳୟ ସହ ଏନସିସି ଏକାଡେମୀ ଆରମ୍ଭ ହେବା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିକାରୁ ଅଧିକା ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଏନସିସିରେ ସାମିଲ ହୋଇ ପାରିବେ। ଉତ୍ତମ ପ୍ରଶିକ୍ଷଣ ଓ ଅଧିକା ଛାତ୍ରଛାତ୍ରୀ କ୍ୟାଡେଟ୍ ହେବା ଦ୍ୱାରା ଦେଶ ପ୍ରେମ ଅଧିକା ଜାଗ୍ରତ ହେବା ସହ ସ୍ଥଳ, ବାୟୁ ଓ ନୌସେନାର ବିଭିନ୍ନ ପଦ ଓ ପଦବିରେ ନିଯୁକ୍ତି ପାଇବା ସହଜ ସାଧ ହୋଇ ପାରିବ ବୋଲି ଏନସିସି ଆଲୁମିନି, କ୍ୟାଡେଟ୍ ଓ ଅଭିଭାବକ, ଜିଲ୍ଲା ପ୍ରଶାସନ, ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଥିଲେ। ତେବେ ଗ୍ରୁପ ମୁଖ୍ୟାଳୟ ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇ ପାରିନଥିବା ବେଳେ ଏକାଡେମୀ ଆଉ କେବେ ହେବ ତାହାକୁ ନେଇ ଯେଉଁ ଆଶା ଦେଖାଦେଇଥିଲା ତାହା ନିରାଶରେ ପାଲଟିଛି।

# ପଟିଆକୁ ଉଠିଯିବ କ୍ୟାପିଟାଲ ହସ୍ପିଟାଲ୍: ୩୫ ଏକର ଦେବ ସାଧାରଣ ପ୍ରଶାସନ ବିଭାଗ




ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାଜଧାନୀରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନେଇ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ବଢୁଥିବା ଲୋକସଂଖ୍ୟା ଓ ସଂପ୍ରସାରିତ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ସରକାର କ୍ୟାପିଟାଲ ହସ୍ପିଟାଲ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଯୋଜନା କରୁଛନ୍ତି। ଚନ୍ଦ୍ରଶେଖରପୁର-ପଟିଆ ଅଞ୍ଚଳକୁ ସହର ବଢୁଥିବାରୁ କ୍ୟାପିଟାଲ ହସ୍ପିଟାଲ ସେ ଅଞ୍ଚଳରେ ସ୍ଥାପନ କରାଯିବ। କେବଳ ସେତିକି ନୁହେଁ, ହସ୍ପିଟାଲର ଶଯ୍ୟା ସଂଖ୍ୟା ୪ଗୁଣା ବୃଦ୍ଧି ପାଇବ। ପଟିଆ-ଚନ୍ଦ୍ରଶେଖରପୁର-ଗାଡ଼କଣ ଅଞ୍ଚଳରେ ୩୫ ଏକର ଜାଗା ଯୋଗାଇଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗକୁ କୁହାଯାଇଛି। ଯଦି ଏହା ଫଳପ୍ରଦ ହୁଏ ତାହାଲେ ଭୁବନେଶ୍ୱରରେ ସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି। ୟୁନିଟ୍-୬ ଅଞ୍ଚଳରେ ଆରମ୍ଭରୁ ରହିଛି କ୍ୟାପିଟାଲ ହସ୍ପିଟାଲ୍। ଏହି ଅଞ୍ଚଳ ଉଚ୍ଚ ସୁରକ୍ଷା ବଳୟ ଭିତରେ ରହିଛି। ବିମାନବନ୍ଦର, ସଚିବାଳୟ, ବିଧାନସଭା, ଭିଆଇପି କ୍ୱାର୍ଟର୍ସ, ଓୟୁଏଟି ଆଦି ଲାଗି ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତା ସବୁବେଳେ ଜାମ୍ ରହୁଛି। ଆଗାକୁ ଯଦି କ୍ୟାପିଟାଲ ହସ୍ପିଟାଲର ଭିତ୍ତିଭୂମିକୁ ବଢ଼ାଯାଏ, ତେବେ ଏହି ଅଞ୍ଚଳରେ ଟ୍ରାଫିକ୍ କ୍ଷେତ୍ରରେ ଏକ ବିରାଟ ସମସ୍ୟା ସୃଷ୍ଟି ହେବ। ଏ ଦୃଷ୍ଟିରୁ କ୍ୟାପିଟାଲ ହସ୍ପିଟାଲ୍‌କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ଉପରେ ସରକାର ବିଚାର କରିଛନ୍ତି। ଏକ ରାଜ୍ୟସ୍ତରୀୟ ରେଫରାଲ ହସ୍ପିଟାଲ ପାଇଁ ୩୨ଶହ ଶଯ୍ୟା ଆବଶ୍ୟକ। ଏବେ ଏଠାରେ ୭୫୦ ଶଯ୍ୟା ରହିଛି। ଏଣୁ ଶଯ୍ୟା ସଂଖ୍ୟାକୁ ୩୨ଶହକୁ ବୃଦ୍ଧି କରାଯିବ। ଏହି ଶଯ୍ୟାକୁ କ୍ୟାପିଟାଲ ହସ୍ପିଟାଲ ଓ କ୍ୟାପିଟାଲ ହସ୍ପିଟାଲ ପିଜି ଇନଷ୍ଟିଚ୍ୟୁଟ୍‌ରେ ଦୁଇ ଭାଗରେ ବିଭକ୍ତ କରାଯିବ। ୫ଶହ ଲୋକ ବସିବା ଭଳି ଅଡିଟୋରିୟମ୍ ଓ ୨ହଜାର କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ ହେବ। ଏଥିପାଇଁ ୬୫୦ ସରକାରୀ କ୍ୱାର୍ଟର୍ସ ଖାଲି କରିବା ସହିତ ୫ଶହ ବସ୍ତି ଲୋକଙ୍କୁ ହଟାଇବାକୁ ପଡ଼ିବ। ତେଣୁ କ୍ୟାପିଟାଲ ହସ୍ପିଟାଲ୍‌କୁ ଦୁଇ ଭାଗ କରି ରାଜଧାନୀର ଦୁଇ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୟୁନିଟ୍-୬ ଭିତ୍ତିଭୂମିକୁ କ୍ୟାପିଟାଲ ହସ୍ପିଟାଲ୍ ପିଜି ଇନଷ୍ଟିଚ୍ୟୁଟ୍ ସହିତ ଟିଚିଂ ହସ୍ପିଟାଲ୍ ଓ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପାଇଁ ବ୍ୟବହୃତ ହେବ। ଏହି ଅନୁଯାୟୀ ମାନବ ସମ୍ବଳ ଆଦିକୁ ଅଲଗା କରାଯିବ। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପୁଞ୍ଜି ବ୍ୟୟକୁ ନେଇ ଏକ ବିକଳ୍ପ ପ୍ରସ୍ତାବ ଦେବାକୁ କୁହାଯାଇଛି। କ୍ୟାପିଟାଲ ହସ୍ପିଟାଲ୍‌ର ସ୍ଥାନାନ୍ତରଣ ନିଶ୍ଚିତ ହେବା ପରେ ସରକାରୀ କ୍ୱାର୍ଟର୍ସ ସ୍ଥାନାନ୍ତରିତ ନିଷ୍ପତ୍ତି ନିଆଯିବ।

# ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀ ଉଦ୍‌ଘାଟିତ

ସମ୍ବଲପୁର, ୧୯/୧୧ (ନି.ପ୍ର): ଯୁବ ଉଦ୍‌ଯୋଗୀମାନେ ରାଜ୍ୟ ସରକାରଙ୍କ ନୂତନ କୃଷି ତଥା ପ୍ରାଣୀସମ୍ପଦ ନୀତିର ଲାଭ ଉଠାଇ ସ୍ୱାବଲମ୍ବୀ ହେବା ସହ ନିଜସ୍ୱ ଆୟ ବୃଦ୍ଧି କରିପାରିବେ। ଫଳରେ ନିଜର ତଥା ସେମାନଙ୍କ ଅଂଚଳର ବିକାଶ ହୋଇପାରିବ ବୋଲି ସମ୍ବଲପୁର ଜିଲ୍ଲା ପଶ୍ଚିମ ଓଡିଶା ଗୋପାଳନ ସମ୍ମିଳନୀ- ୨୦୨୩ର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ୍ ତ୍ରିପାଠୀ । ଜିଲ୍ଲା ପ୍ରଶାସନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ସ୍ଥାନୀୟ ପିଏଚଡି ପଡିଆ ଠାରେ ଦୁଇଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀର ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ସଫଳ ଗୋପାଳକ ତଥା ଚାଷୀ, ଯୁବ ଉଦ୍‌ଯୋଗୀଙ୍କ ସହିତ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି ଶ୍ରୀ ତ୍ରିପାଠୀ। ଏହି ଅବସରରେ ସେ କହିଛନ୍ତି, ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀମାନେ ନିଜ ବ୍ୟବସାୟର ଅଭିବୃଦ୍ଧି କରିପାରିବେ। ଚାଷୀମାନେ କେବଳ ପାରମ୍ପାରିକ କୃଷିରେ ସୀମିତ ନରହି ମତ୍ସ୍ୟଚାଷ, ଗୋପାଳନ, ପଶୁ ପାଳନ ଭଳି ବ୍ୟବସାୟ କରି ଲାଭବାନ ହେବା ଉଚିତ୍। ରାଜ୍ୟ ସରକାର ଓଡିଶାର ବିଭିନ୍ନ ଜିଲ୍ଲାର ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ବିଭିନ୍ନ ସ୍ଥାନରେ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ଆଦି ନିର୍ମାଣ କରି ପ୍ରାୟ ଦୁଇଗୁଣରୁ ଉର୍ଦ୍ଧ୍ୱ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଯାଇ ପାରିଛି। ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲା ଏହିପରି ଅଭିବୃଦ୍ଧିର ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ତ୍ରିପାଠୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ୧୦ ହଜାର ଲିଟର କ୍ଷମତା ବିଶିଷ୍ଟ ୬ଟି ଦୁଗ୍ଧ ଗାଡିକୁ ଶ୍ରୀ ତ୍ରିପାଠୀ ସବୁଜ୍ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଦୁଗ୍ଧ ବ୍ୟବସାୟୀ ଓ କମ୍ପାନୀମାନଙ୍କ ପକ୍ଷରୁ ପ୍ରଦର୍ଶୀତ ବିଭିନ୍ନ ପ୍ରଦର୍ଶିତ ଷ୍ଟଲ୍ ବୁଲି ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି କଲ୍ୟାଣ ଯୋଜନା ଅନ୍ତର୍ଗତ ୩୬ ଜଣ ଚାଷୀଙ୍କୁ ଗୋ-ଆହେଡ୍(ଆରମ୍ଭ କର) ପତ୍ର ପ୍ରଦାନ କରିଥିଲେ। ବିଗତ ଦୁଇ ବର୍ଷରେ ଭିତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ନେଇଥିବା ପଦକ୍ଷେପଗୁଡିକ ପାଇଁ ଉଦ୍‌ଯୋଗୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ଶିବିର ଅନୁଷ୍ଠିତ



ଖୋର୍ଦ୍ଧା, ୧୯/୧୧ (ନି.ପ୍ର): ଯୁଗ୍ମ ଶ୍ରମ ଆୟୁକ୍ତ, କାର୍ଯ୍ୟାଳୟ, ଭୁବନେଶ୍ୱର ଦ୍ୱାରା ପରଚାଳିତ ,, ଟାଙ୍ଗୀ ବ୍ଲକ,ଜଟଣୀ ପୌରପରିଷଦ,ଖୋର୍ଦ୍ଧା ବ୍ଲକ ଏବଂ ଖୋର୍ଦ୍ଧା ପୌର ପରିଷଦ ଅଧୀନରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ପାଇଁ ଉଦ୍ଦିଷ୍ଟ ଏକ ସହାୟତା ଶିବିର ସ୍ଥାନୀ ୟ ଜୟ ଗୁରୁ ମଣ୍ଡପ , ଖୋର୍ଦ୍ଧା ପୌର ପରିଷଦ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଂଜିକୃତ ୮୭ଜଣ ଶ୍ରମିକ ମାନଙ୍କ ଉତ୍ତରାଧିକାରୀ/ମନୋନିତ ବ୍ୟକ୍ତିଙ୍କୁ ମୃତ୍ୟୁ କାଳୀନ ଓ ଅନ୍ତେଷ୍ଟିକ୍ରୀୟା ସହାୟତା ବାବଦରେ ୮୯,୧୫,୦୦୦/-.ଟଙ୍କା, ବିବାହ କାଳୀନ ସହାୟତା ମଧ୍ୟମରେ ୭୦ ଜଣ ଙ୍କୁ ୩୪,୨୫,୦୦୦/-ଟଙ୍କା ସହାୟତା ରାଶି, , ଶିକ୍ଷା ସହାୟତା ବାବଦରେ ୬୭ ଜଣ ଙ୍କୁ ୪,୪୦,୦୦୦./- ଟଙ୍କା ,ପ୍ରସବ କାଳୀନ ସହାୟତା ବାବଦରେ ୨ ଜଣଙ୍କୁ ୨୦,୦୦୦/,ସର୍ବମୋଟ ୨୨୬ ଜଣଙ୍କୁ ୧,୨୮,୦୦,୦୦୦/- ଟଙ୍କା ର ସହାୟତା ରାଶି ପ୍ରଦାନ କରାଯାଇଥିଲା। ପୁନଶ୍ଚ, ନୂତନ ଭାବେ ପଂଜିକୃତ୨୪୧ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏହା ଶିବିରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ମାନ୍ୟବର ଅଧ୍ୟକ୍ଷ। ଶ୍ରୀମୟୀ ଶ୍ୱେତ। ସ୍ନିଗ୍ଧା ମିଶ୍ର , ମୁଖ୍ୟ ଅତିଥି,ଶ୍ରୀଯୁକ୍ତ ଜ୍ୟୋତିନ୍ଦ୍ର ନାଥ ମିତ୍ର,ମାନ୍ୟବର ବିଧାୟକ, ଖୋର୍ଦ୍ଧା, ମୁଖ୍ୟ ବକ୍ତା,ଶ୍ରୀଯୁକ୍ତ ପ୍ରଣବ କୁମାର ପାତ୍ର ,ଯୁଗ୍ମ ଶ୍ରମ ଆୟୁକ୍ତ,ଭୁବନେଶ୍ୱର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।, ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂ , ପ୍ରେସିଡେଣ୍ଟ,ଜିଲ୍ଲା ପରିଷଦ ଖୋର୍ଦ୍ଧା,ଶ୍ରୀମତୀ ରିଷ୍ଟ ମାନନ୍ଧାତା, ଅଧକ୍ଷ୍ୟକ୍ଷ ପଞ୍ଚ। ୟତ ସମିତି, ଟାଙ୍ଗୀ, ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଅଧକ୍ଷକ୍ଷ ପୌରପରିଷଦ ଖୋର୍ଦ୍ଧା, ଶ୍ରୀମତୀ ଇପ୍ସିତା ସାହୁ, ଉପଦେଷ୍ଟା, ମୁକ୍ତା,ଶ୍ରୀଯୁକ୍ତ ଅନନ୍ତ ବେହେରା, ଅଧକ୍ଷ, ଜଟଣି ପୋରପରିଷଦ, ଶ୍ରୀଯୁକ୍ତ ପ୍ରକାଶ ସାମନ୍ତରାୟ, ଉପକ୍ଷକ୍ଷ, ଜଟଣୀ ବ୍ଲକ ଅଂଶ ଗ୍ରହଣ କରି ଶ୍ରମଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଏହି ଯୁଗାନ୍ତକାରୀ ଯୋଜନା।ରେ ଅଧିକ ଶ୍ରମିକ ବନ୍ଧୁ ସାମିଲ ହେବାପାଇଁ ଅନୁରୋଧ କରିଥିଲେ। ଏହି ଶିବିରରେ ପ୍ରଭଗୀୟ ଶ୍ରମ ଆୟୁକ୍ତ ଖୋର୍ଦ୍ଧା / / ଭୁବନେଶ୍ୱର ଶ୍ରୀ ଅଜୟ କୁମାର ପ୍ରଧାନ ସ୍କିମ ବିଷୟରେ ଅବଗତ କରାଇଥିଲେ।ଶ୍ରୀ ପ୍ରଭାକର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ , ଭୁବନେଶ୍ୱର ଏହି ସହାୟତ। ଶିବିରକୁ ପରିଚାଳନା କରିଥିଲେ।ସହକାରୀ ଶ୍ରମ ଅଧିକାରୀ ବାଲୁଗାଁ ଶ୍ରୀ ଚନ୍ଦନ ମାଝୀ, ଏବଂ କଲ୍ୟାଣ ସଂଯୋଜକ ଲମ୍ବୋଦର ରାଉତ ହିତାଧିକାରି ମାନଙ୍କ ସହାୟତା ଏବଂ ପଞ୍ଜିକରଣ ପତ୍ର ବକ୍ଷଣ୍ଟି ବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଥିଲେ।ପରିଶେଷରେ ପ୍ରଜ୍ଞା ପରିମିତା ସାହୁ, ସହକାରୀ ଶ୍ରମ ଅଧିକାରୀ, ଖୋର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଶ୍ୱକପ୍ ....

ମ୍ୟାଚ୍ ଛଡ଼ାଇ ଆଣିଥିଲେ। ତାଙ୍କୁ ଲାବୁଶେନ ପୂରା ସାଥ ଦେଇଥିଲେ। ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ରୋହିତ ଶର୍ମା ବୋଲିଂ ଏଣ୍ଡରେ ଅନେକ ପରିବର୍ତ୍ତନ କରିଥିଲେ। କିନ୍ତୁ କିଛି ବି ଲାଭ ମିଳି ନଥିଲା। ୩୭ ଓଭର ସୁଦ୍ଧା ହେଡ ଓ ଲାବୁଶେନ ଦଳୀୟ ସ୍କୋରକୁ ୨୦୪ରେ ପହଞ୍ଚାଇ ଅଷ୍ଟ୍ରେଲିଆର ବିଜୟକୁ ଏକ ପ୍ରକାରର ସୁନିଶ୍ଚିତ କରି ଦେଇଥିଲେ। କେବଳ ଔପଚାରିକତା ବାକି ରହିଥିଲା। ଏହାକୁ ମଧ ହେଡ୍ ଓ ଲାବୁଶେନ ପୂରଣ କରିନେଇଛନ୍ତି। ଶେଷ ୬୦ ବଲରେ ଅଷ୍ଟ୍ରେଲିଆକୁ ଜିତିବା ପାଇଁ ୧୬ ରନର ଆବଶ୍ୟକ ରହିଥିଲା। ୪୧ତମ ଓଭରରେ ସିରାଜଙ୍କ ଓଭରରେ ଲାବୁଶେନ ଚୌକା ମାରି ବିଜୟକୁ ଆହୁରି ନିକଟତର କରାଇ ଦେଇଥିଲେ। ଅଷ୍ଟ୍ରେଲିଆକୁ ଏହି ଓଭରରେ ୫ ରନ ମିଳିଥିଲା। ୪୨ ତମ ଓଭରରେ ବୁମ୍ରା ମାତ୍ର ୧ ରନ ଦେଇଥିଲେ। ୪୩ତମ ଓଭରର ପ୍ରଥମ ବଲରେ ସିରାଜଙ୍କ ଠାରୁ ହେଡ ୨ ରନ ଆଦାୟ କରିଥିଲେ। ପରବର୍ତ୍ତୀ ବଲରେ ସେ ଚୌକା ମାରିଥିଲେ। ତୃତୀୟ ବଲରେ ୧ ରନ ନେଇ ଲାବୁଶେନଙ୍କୁ ଷ୍ଟ୍ରାଇକ ଦେଇଥିଲେ। ଲାବୁଶେନ ୧ ରନ ନେଇ ପୁଣି ହେଡଙ୍କୁ ବ୍ୟାଟିଂ କରିବାକୁ ଦେଇଥିଲେ। ତେବେ ଦଳକୁ ଜିତିବା ପାଇଁ ୨ ରନ ଥିବା ବେଳେ ହେଡ୍ ବଡ଼ ଶଟ ମାରିବାକୁ ଯାଇ ଶେଷ ଆଉଟ ହୋଇଥିଲେ। ହେଡ୍ ଆଜି ୧୨୦ ବଲରେ ୧୩୭ ରନର ଇନିଂସ ଖେଳିଛନ୍ତି। କିନ୍ତୁ ଓଭରର ଶେଷ ବଲରେ ମ୍ୟାକ୍ସୱେଲ ୨ ରନ ନେଇ ଅଷ୍ଟ୍ରେଲିଆକୁ ବିଶ୍ୱ ବିଜେତା କରାଇଥିଲେ। ଅଷ୍ଟ୍ରେଲିଆ ୪ ୱିକେଟ ହରାଇ ୪୨ ବଲ ପୂର୍ବରୁ ବିଶ୍ୱକପ ଜିତିଛି।

## ଆଜି ଓଡ଼ିଶା ଆସୁଛନ୍ତି....

ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ସେଭଳି କୌଣସି ପରିବର୍ତନ ହୋଇନାହିଁ । ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଲାଗି ଜିଲ୍ଲା ପ୍ରଶାସନ ଯୁଦ୍ଧକାଳିନ ଭିତିରେ ସମସ୍ତ ପ୍ରସ୍ତୁତି କରିଛି । ଜିଲ୍ଲାପଳ ନିଜେ ସହିଦ ସ୍ମୃତିଭବନ ସହିତ ପୋଲିସ ଲାଇନ ହେଲି ପ୍ୟାଡର ସମୀକ୍ଷା କରିଛନ୍ତି । ଅନ୍ୟପଟେ ସନ୍ତାଳୀ ଲେଖକ ସଂଘ ରାଷ୍ଟ୍ରପତିଙ୍କୁ ଅତିଥୀ ଭାବରେ ପାଇ ଅଶେଷ ଉତ୍କଣ୍ଠାର ସହିତ ପ୍ରସ୍ତୁତିରେ ଲାଗିଛନ୍ତି । ମହାମହୀମ ମଧ ସାନ୍ତାଳୀ ସାହିତ୍ୟର ଜଣେ ଜଣାଶୁଣା ସାଧିକା । ସେପଟେ ବାୟୁସେନାର ହେଲିକେପ୍ଟର ଯୋଗେ ବାରିପଦାରୁ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷ ଏୟାଷ୍ଟ୍ରିପ୍ ହେଲିପ୍ୟାଡରେ ଅବତରଣ କରିବେ । ଏଥିପାଇଁ ପୂର୍ତ ବିଭାଗ ପକ୍ଷରୁ ହେଲିପ୍ୟାଡ୍ ନିର୍ମାଣ ହୋଇ ସାରିଛି । ପୂର୍ତ ବିଭାଗର ମହୁଲଡିହା ଡାକବଙ୍ଗଳାକୁ ମଧ ସଜେଇ ଦିଆଯାଇଛି । ଏଠାରେ କିଛି ବ୍ୟକ୍ତି ବିଶେଷ ଓ ସଂଗଠନ ମାନେ ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାଇରଙ୍ଗପୁର ସ୍ଥିତ ନିଜ ବାସଭବନକୁ ଯିବ ଦୌପଦୀ ମୁର୍ମୁ । ସେଠାରେ ଭୋଜନ ସହିତ ରାତ୍ରୀଯାପନ କରିବେ ମ୍ୟାଡମ ରାଷ୍ଟ୍ରପତି । ସେଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ଏବେ କେବଳ ଅପେକ୍ଷା ସେହି ଶୁଭମୁହୂର୍ତକୁ ।

# ହବିଷ୍ୟାଳୀ ମା' ମାନଙ୍କୁ ଶାଲ ବଂଟନ

ପୁରୀ, ୧୯/୧୧ (ନି.ପ୍ର): ହବିଷ୍ୟାଳୀ ମା ମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶାଲ ବଣ୍ଟନ କରାଯାଇଛି। ଆଜି ପୂର୍ବାହ୍ନରେ ବୃନ୍ଦାବତୀ ନିବାସ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ହବିଷ୍ୟାଳୀ ମା ମାନଙ୍କୁ ଶାଲ ବଂଟନ କରିବା ସହ ସେମାନଙ୍କ ସହ କଥାବାର୍ତା କରିଥିଲେ। ପରେ ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ରହୁଥିବା ହବିଷ୍ୟାଳୀ ମା ମାନଙ୍କୁ ବରିଷ୍ଠ ଅଧିକାରୀ ମାନେ ଶାଲ ବଂଟନ କରିଥିଲେ। ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା, ଠାକୁର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା ଓ ଭଜନ ପ୍ରବଚନ ଶୁଣିବାର ସୁବ୍ୟବସ୍ଥା ହୋଇଛି ବୋଲି ମା ମାନେ ମତ ଦେବା ସହ ହୁଳହୁଳି ଧ୍ୱନିରେ ଆଶୀର୍ବାଦ କରିଥିଲେ। ନିଜ ପରିବାର ଛାଡି ମାସକ ପାଇଁ ଆମେ ଆସିଛୁ।ଠାକୁର ଦର୍ଶନ କରୁଛୁ। ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ଅଧିକାରୀ ମାନେ, କର୍ମଚାରୀ ମାନେ, ସ୍ୱେଚ୍ଛାସେବୀ ମାନେ ଏତେ ସୁନ୍ଦର ସେବା ଦେଉଛନ୍ତି ଯେ ଆମେ ଘର ପରିବାର କଥା ଭୁଲି ଯାଉଛୁ ବୋଲି ହବିଷ୍ୟାଳୀ ମା ମାନେ ନିଜ ପ୍ରତିକ୍ରିୟାରେ କହିଥିଲେ। ମା ମାନଙ୍କ ସୁସ୍ଥ ଓ ସୁରକ୍ଷିତ ରହଣି ସହ ଏକ ସୁଖଦ ଅନୁଭବ ନେଇ ନିଜ ଘରକୁ ପ୍ରତ୍ୟାବର୍ତନ ପାଇଁ ମହାପ୍ରଭୁଙ୍କ ଶୁଖିଲା ପ୍ରସାଦ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସୂଚନା ଦେଇଥିଲେ।

# ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମର ପ୍ରଥମ ବାର୍ଷିକୀ, ୫୦୦ ଲୋକଙ୍କୁ ଖାଇବାକୁ ଦେଇ ପାଳନ କଲା ସହଯୋଗ ଫାଉଣ୍ଡେସନ୍

ବଲାଙ୍ଗୀର, ୧୯/୧୧ (ନି.ପ୍ର): ସାମାଜିକ କାର୍ଯ୍ୟ ହେଉଛି ଏକ ଅଭ୍ୟାସ ଭିତିକ ବୃତି ଏବଂ ଏକ ଶିକ୍ଷାଗତ ଅନୁଶାସନ, ଯାହା ସାମାଜିକ ପରିବର୍ତନ, ବିକାଶ, ସାମାଜିକ ଏକତା, ଲୋକଙ୍କ ସଶକ୍ତିକରଣ ଏବଂ ମୁକ୍ତିକୁ ପ୍ରୋତ୍ସାହିତ କରେ। ସାମାଜିକ ନ୍ୟାୟ, ମାନବିକ ଅଧିକାର, ସାମୂହିକ ଦାୟିତ୍ୱ ଏବଂ ବିବିଧତା ପ୍ରତି ସମ୍ମାନର ନୀତିଗୁଡିକ ସାମାଜିକ କାର୍ଯ୍ୟର ମୂଳ ସ୍ଥାନ ଅଟେ। ସହଯୋଗ ଫାଉଣ୍ଡେସନ୍ ସାମାଜିକ କାର୍ଯ୍ୟ, ସାମାଜିକ ବିଜ୍ଞାନ, ମାନବିକତା ଏବଂ ସ୍ୱଦେଶୀ ଜ୍ଞାନର ନୀତି ଉପରେ ଏହାର କାର୍ଯ୍ୟ କରିଥାଏ। ପ୍ରତିଦିନ ଭୀମ ଭୋଇ ସରକାରୀ ଡାକ୍ତରଖାନାକୁ ଶତାଧିକ ରୋଗୀ ଏବଂ ଏହା ସହିତ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ମଧ ସେମାନଙ୍କ ସହିତ ଆସନ୍ତି। ବଲାଙ୍ଗୀରର ଅଗ୍ରଣୀ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ୍ ଗତ ଏକ ବର୍ଷ ଧରି ପ୍ରତ୍ୟେକ ରବିବାର କ୍ରମାଗତ ଭାବରେ ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଚଳାଉଛି, ଯେଉଁଥିରେ ଭାତ, ଡାଲମା, ଖଟା, ଦହିପାଣି, ଆଚାର ଏବଂ ମିଠା ୩୫୦ ରୁ ୪୦୦ ଲୋକଙ୍କୁ ଦିଆଯାଉଛି। ଆଜି ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମର ଏକ ବର୍ଷ ପୂର୍ତି ଅବସରରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଯୁବ ବ୍ୟବସାୟୀ ସୁବମ୍ ଦର୍ଜୀ ଯୋଗ ଦେଇଥିଲେ।

ଶ୍ରୀ ଦର୍ଜୀ କହିଛନ୍ତି ଯେ, ସେ ଜନ କଲ୍ୟାଣ କାର୍ଯ୍ୟ ପାଇଁ ସର୍ବଦା ପ୍ରସ୍ତୁତ ଏବଂ ଅଭାବୀ ଲୋକଙ୍କୁ ଖାଦ୍ୟ ଯୋଗାଇବା ଠାରୁ ବଡ଼ ଧର୍ମ ନାହିଁ। ପ୍ରଭାତ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ଶର୍ମା, କେଦାର ଅଗ୍ରୱାଲ, ଶ୍ରୀମତୀ ନାନକୀ ଅଗ୍ରୱାଲ, ସୁଦୀପ ତ୍ରିପାଠୀ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ରାମ ନାରାୟଣ ଦାଶ, ଦୀପକ ଜୈନ, ପୀୟୁଷ ଅଗ୍ରୱାଲ, ପରେଶ ଅଗ୍ରୱାଲ, ପଂଚାନନ ପ୍ରଧାନ, ଶ୍ରୀମତୀ ସୁମନ ଶର୍ମା, ତୁଫାନ ପାତ୍ର, ନିରୋଜ ମିଶ୍ର ଏବଂ ଆର୍ତତ୍ରାଣ ପାଢୀ ଉପସ୍ଥିତ ଥିଲେ। ସହଯୋଗ ଫାଉଣ୍ଡେସନର ସମ୍ପାଦିକା ପିଙ୍କି ମୋଦୀ କହିଛନ୍ତି ଯେ, ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମରେ ଯେତେ ଅଧିକରୁ ଅଧିକ ଲୋକ ଯୋଗ ଦେବେ ସେତେ ଅଧିକ ଆମକୁ ଖୁସି ଲାଗିବ ଏବଂ ସେମାନଙ୍କର ଜନ୍ମଦିନ, ବିବାହ ବାର୍ଷିକ ଉତ୍ସବ କିମ୍ବା କୌଣସି ଖୁସିର ମୁହୂର୍ତକୁ ସ୍ମରଣୀୟ କରିବା ପାଇଁ ଅଭାବୀ ଲୋକଙ୍କୁ ଖାଇବାକୁ ଦେଇ ଗୁଣବତା ଅର୍ଜନ କରିବା ଉଚିତ ବୋଲି କହିଛନ୍ତି।

# ଇସ୍ରୋ ଚେୟାରମ୍ୟାନ୍ ଚନ୍ଦ୍ରଯାନ ୩ ଟ୍ରାଅମ୍ଫ କାର୍ଯ୍ୟକ୍ରମରେ କୋଟପାଡ଼ର ଅମୁଜୁରୀ ବିଶ୍ୱନାଥଙ୍କ ଉତ୍କୃଷ୍ଟ କାର୍ଯ୍ୟକୁ ପ୍ରଶଂସା

ଜୟପୁର, ୧୯/୧୧ (ନି.ପ୍ର): ଦେଶର ଏକାଦଶ ରାଷ୍ଟ୍ରପତି ମିସାଇଲ୍ ମ୍ୟାନ୍ ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ୯୨ତମ ଜନ୍ମ ବାର୍ଷିକୀରେ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ସହଯୋଗରେ ଡକ୍ଟର ଏପିଜେ ଅବଦୁଲ କଲାମ ଇଂଟରନ୍ୟାସନାଲ ଫାଉଣ୍ଡେସନ ହାଉସ ଅଫ କାଲାମ ଦ୍ୱାରା 'ଚନ୍ଦ୍ରଯାନ ୩ ଟ୍ରାଅମ୍ଫ : ପ୍ରେରଣାଦାୟକ ଉଜ୍ୱଳ ମନ' କାର୍ଯ୍ୟକ୍ରମ ତାମିଲନାଡୁର ରାମେଶ୍ୱରମ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇସ୍ରୋ ଚେୟାରମ୍ୟାନ୍ ଡକ୍ଟର ଏସ୍ ସୋମନାଥ ଏବଂ ବିଶିଷ୍ଟ ଅତିଥି ଇସ୍ରୋ ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟରର ପୂର୍ବତନ ଡେପୁଟି ଡାଇରେକ୍ଟର ଡକ୍ଟର ଭେଙ୍କଟେଶ୍ୱର ଶର୍ମା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋରାପୁଟର ଉପାନ୍ତ ଅଂଚଳ କୋଟପାଡ଼ର ଯୁବ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଅମୁଜୁରୀ ବିଶ୍ୱନାଥ ଅଂଶଗ୍ରହଣ କରି ଇସ୍ରୋ ଚେୟାରମେନ ଡ଼ଃ. ଏସ ସୋମନାଥଙ୍କ ସହ ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ବିକାଶ ତଥା କାର୍ଯ୍ୟକଳାପକୁ ଆଲୋଚନା କରିଥିଲେ। ବର୍ତମାନ ଡ଼ଃ. ଏପିଜେ ଅବଦୁଲ କଲାମ ଇଂଟରନ୍ୟାସନାଲ ଫାଉଣ୍ଡେସନର ଛତିଶଗଡ ଏବଂ ଓଡିଶା ଚାପ୍ଟରର ରାଜ୍ୟ ସଂଯୋଜକ ଭାବେ ଅମୁଜୁରୀ ବିଶ୍ୱନାଥ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ରାଜ୍ୟର ଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ-ପ୍ରଯୁକ୍ତିବିଦ୍ୟା-ଇଞ୍ଜିନିୟରିଂ-ଗଣିତ (ଷ୍ଟେମ୍) ଇନୋଭେସନ୍ ପ୍ରୋଜେକ୍ଟ ପ୍ରଦର୍ଶନୀ ପ୍ରସ୍ତୁତ କରାଯାଇଥିଲା ଏବଂ ଡ଼ଃ. କଲାମ ମୋବାଇଲ୍ ସାଇନ୍ସ ଲାବୋରେଟୋରୀ ଶୁଭାରମ୍ଭ କରାଗଲା। ଡକ୍ଟର ଏପିଜେ ଅବଦୁଲ କଲାମ ସାଟେଲାଇଟ୍ ଲଂଚ୍ ଭେହିକଲ ମିଶନ ୨୦୨୩ରେ ୧୫୦ ପିକୋ ଉପଗ୍ରହ ଉତକ୍ଷେପଣ ପାଇଁ ବିଶ୍ୱ ରେକର୍ଡ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯେଉଁଥିରେ କୋଟପାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ୫ ଜଣ ବିଦ୍ୟାର୍ଥୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫ ଜଣ ବିଦ୍ୟାର୍ଥୀ ଏବଂ ଛତିଶଗଡ଼ ଦନ୍ତେୱାଡାର ୬୫ ଜଣ ବିଦ୍ୟାର୍ଥୀଙ୍କ ସହ ଅମୁଜୁରୀ ବିଶ୍ୱନାଥଙ୍କ ନାମ (ମୋଟ ୭୬ ଜଣଙ୍କ) ରେକର୍ଡ ହୋଇଛି। ଛତିଶଗଡ ଏବଂ ଓଡିଶା ଚାପ୍ଟର ରାଜ୍ୟ ସଂଯୋଜକ ଅମୁଜୁରୀ ବିଶ୍ୱନାଥଙ୍କୁ ଇସ୍ରୋ ଚେୟାରମ୍ୟାନ୍ ଡକ୍ଟର ଏସ୍. ସୋମନାଥ ଏବଂ ଡକ୍ଟର କଲାମଙ୍କ ନାତି ତଥା ସଂଗଠନର ସହ-ପ୍ରତିଷ୍ଠାତା ଏପିଜେଏମଜେ ଶେଖ ସଲିମ ବିଶ୍ୱ ରେକର୍ଡ ପ୍ରମାଣପତ୍ର ପ୍ରଦାନ କରିଥିଲେ ଏବଂ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟକୁ ପ୍ରଶଂସା କରି ସାଲ୍, ପ୍ରମାଣପତ୍ର ଏବଂ ଡକ୍ଟର କଲାମ ଚଳଚ୍ଚିତ୍ର ସିଡି ଦେଇ ସମ୍ମାନିତ କରିଥିଲେ।

# ତରୁଣ ପ୍ରଜ୍ଞା ଭାରତୀ ତରଫରୁ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୧୯/୧୧ (ନି.ପ୍ର): ଆଜି ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ପୁଚି, ଗୀତା ଶ୍ଳୋକାବୃତି, ବିଚାର ମଂଚ, ପୁରାଣ ପ୍ରବନ୍ଧ, ସ୍ୱତଃସ୍ଫୁର୍ତ ଭାଷଣ ପ୍ରତିଯୋଗିତା ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ସକାଳ ୮ଟାରୁ ଆରମ୍ଭ କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସାଧାରଣ ବର୍ଗର ପୁରୁଷ/ ମହିଳାମାନେ ଯୋଗଦାନ କରି କୃତିତ୍ୱ ହାସଲ କରିଥିଲେ। ଏଥିରେ ଅନୁଷ୍ଠାନର ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡାଙ୍କ ସହ ରବୀନ୍ଦ୍ର ମହାରଣା, ହେମନ୍ତ କୁମାର ଚନ୍ଦ, ପ୍ରମୋଦ ରାଉଳ, ଅଜୟ କୁମାର ମଲ୍ଲିକ, ସୁବାସ ଚନ୍ଦ୍ର ପଣ୍ଡା, ମିନ କେତନ ଦାସ, ଲିପିକା ଦଳେଇ, ବବିତା ମହାରଣା, ମାମିନି ଦାଶ , ରିତାଞ୍ଜଳି ଡାକୁଆ, କବିତା ସାହୁ ପ୍ରମୁଖ ସଦସ୍ୟମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଚାରକ ଭାବେ ରିତାଞ୍ଜଳି ଡାକୁଆ, ସବିତା ତ୍ରିପାଠୀ, ଜାନକୀ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ନନ୍ଦ, ମନୋଜ କୁମାର ମିଶ୍ର, ସୁଭସ୍ମିତା ସାହୁ, ଉଦୟ ଶଙ୍କର ଜାନି, ସୁସ୍ମିତା ରଥ, ସୁବର୍ଣ୍ଣ କୁମାରୀ ଖିଲ, କ୍ଷୀରୋଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଆସନ୍ତା ୦୩.୧୨.୨୦୨୩ ରବିବାର ଦିନ ସକାଳ ୯ଟାରୁ ମୃଦଙ୍ଗ ବାଦନ, ଓଡ଼ିଶୀ ଓ ଲୋକନୃତ୍ୟ ପ୍ରତିଯୋଗିତା ପଂଚାନନ ମନ୍ଦିର ଠାରେ ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀ ମାନଙ୍କୁ ୧୭.୧୨.୨୦୨୩ ରବିବାର ଅପରାହ୍ନ ୩ଟା ସମୟରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଉପସଭାପତିଙ୍କ ଠାରୁ ପ୍ରକାଶ।

# ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ବୈଠକ

ଜୟପୁର, ୧୯/୧୧ (ନି.ପ୍ର): ଜୟପୁର ଅଗ୍ରସେନ ଭବନ ଠାରେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତର ଏକ ପ୍ରାନ୍ତ ସ୍ତରୀୟ କାର୍ଯ୍ୟକର୍ତା ବୈଠକ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଦୁଇ ଦିନିଆ ବୈଠକକୁ କେନ୍ଦ୍ରୀୟ ସହ ସମ୍ପାଦକ ଧର୍ମ ପ୍ରଚାର ବିଭାଗର ଅଚ୍ୟୁତା ନନ୍ଦ କର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମଟି ପ୍ରାନ୍ତ ପଶ୍ଚିମ ପ୍ରାନ୍ତ ସଭାପତି ଡ଼. ରାଜ କୁମାର ବଦପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଂଚସିନ ରହିଥିଲେ ପ୍ରାନ୍ତ କାର୍ଯକାରୀ ସଭାପତି ଅଶୋକ ଗାନ୍ଧୀ, ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ, ପ୍ରାନ୍ତ ଉପସଭାପତି ବାବୁ ଭାଇ ବଜରଙ୍ଗୀ ।ଆଗାମୀ ଦିନରେ ଅଯୋଧ୍ୟା ଠାରେ ହେବାକୁ ଥିବା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଏବଂ ଧର୍ମ ରକ୍ଷା ସପ୍ତାହ ପାଳନ ସମ୍ବନ୍ଧେ ଚର୍ଚ୍ଚା ହେବା ସହ ସମସ୍ତଙ୍କୁ ନିଷ୍ଠାର ସହ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକ୍ରମ ଗୁଡିକୁ କରିବାକୁ ନିବେଦନ କରିଥିଲେ।

# ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ପାଳନ




ବାଲେଶ୍ୱର, ୧୯/୧୧ (ନି.ପ୍ର): ଆଜି ୭୦ ତମ ନିଖିଳ ଭାରତ ସମବାୟ ସପ୍ତାହ ୨୦୨୩ ପାଳନ ଅବସରେ ବାଲେଶ୍ୱର ଜିଲ୍ଲା ସମବାୟ ବିଭାଗ ତରଫରୁ ହୋଟେଲ ଭାନିଆ ପାରାଡ଼ାଇସଠାରେ ଜିଲ୍ଲା ସ୍ତରୀୟ ସମବାୟ ମହୋତ୍ସବ ପାଳନ ହୋଇ ଯାଇ ଅଛି। ଏଠାରେ ବାଲେଶ୍ୱର ଜିଲ୍ଲାପାଳ ଏହି ସଭାକୁ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସଚିନ୍ଦ୍ର କୁମାର ସିଂହ ଅତିରିକ୍ତ ନିବନ୍ଧକ ସମବାୟ ସମିତି , ଗଣେଶ ପ୍ରସାଦ ମହାପାତ୍ର ,ସଭାପତି ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କ, ସରୋଜ କୁମାର ମହାପାତ୍ର କୃଷି ଅଧିକାରୀ , ଶରତ ଚନ୍ଦ୍ର ମହାନ୍ତି, ଓଡ଼ିଆ ପ୍ରାଧ୍ୟାପକ ଉପେନ୍ଦ୍ର ମହାବିଦ୍ୟାଳୟ ସୋରୋ। ଅନ୍ୟ ମାନଙ୍କ ମଧ୍ୟରେ ଗଜେନ୍ଦ୍ର ପଣ୍ଡା ଲକ୍ଷ୍ମୀଧର ରାଉତ୍ , ଅଶୋକ କୁମାର ଦାସ, ଦେବାସିସ ଦାସ , ଗୋପିନାଥ ବିଶ୍ୱାଳ , ସୁଶାନ୍ତ ଦାସ ,ସୁକାନ୍ତ ପାତ୍ର, ସାମ୍ଭୁନାଥ ନାୟକ ଅତିଥିଭାବେ ଯୋଗଦେଇଥିଲେ। କହିଥିଲେ ଯେ ସମବାୟ ଜରିଆରେ ଚାଷୀମାନେ କମ ସୁଧରେ ଋଣ ନେଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ବହୁ ମୁଖ୍ ଯୋଜନାରେ ମଧ ଚାଷୀ ମାନେ କମ୍ ସୁଧରେ ଋଣ ଯୋଗାଇ ଦିଆ ଜାଇ ଅଛି ସମବାୟ ମାଧ୍ୟମରେ। ଏ ଥୀରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ କ୍ରମକୁ ସୁଚାରୁ ରୂପେ ସଂପାଦନ କରି ଥିଲେ।

# ସାଉଦି ଆରବରେ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଂଗଠନର ୧୫ତମ ବାର୍ଷିକ ଉତ୍ସବ



ନୂଆଦିଲ୍ଲୀ, ୧୯/୧୧ : ସାଉଦି ଆରବର ରିୟାଦରେ ରହୁଥିବା ଓଡ଼ିଆ ମାନଙ୍କୁ ନେଇ ଗଢ଼ିଉଠିଥିବା ସଂଘ ରିୟାଦ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଂଗଠନ ବା ରୋଜା ତାର ୧୫ତମ ବାର୍ଷିକଉତ୍ସବ ୧୭ ନଭେମ୍ବର ୨୦୨୩ରେପାଳନ କରିଅଛି। ଉକ୍ତ ଦିନ ଉତ୍ସବ ମୁଖର ପରିବେଶ ମଧ୍ୟରେ ଓଡ଼ିଶା ବାହାରେ ଏକ କ୍ଷୁଦ୍ର ଓଡ଼ିଶାର ଭ୍ରମ ସୃଷ୍ଟି ହୋଇଥିଲା। ଦୀର୍ଘ ୧୫ ବର୍ଷ ଧରି ରୋଜା, ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଦାୟିତ୍ୱ ନିରନ୍ତର ଭାବେ ପାଳନ କରିଆସିଛି। ଉତ୍ସବର ମୁଖ୍ୟ ଅତିଥି ଭାବେ ଭାରତୀୟ ଦୂତାବାସର ମିସନ୍ ଉପମୁଖ୍ୟ ଶ୍ରୀ ଆବୁ ମାଥେନ୍ଜର୍ଜ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ମଧ୍ୟରେ ଥିଲେ ପ୍ରଥମ ସଚିବ ଶ୍ରୀମତୀ ମନୁସ୍ମୃତି, ଦ୍ୱିତୀୟ ସଚିବ ମୋଇନ ଅଖତର ଓ ଶରତ କୁମାର ନାୟକ ତଥା ଆସମାକ୍ ଗୃପର ଚେୟାରମ୍ୟାନ ଡଃ ଦେବ ମହାନ୍ତି, ସିକ୍ୟୁଅରଆଇଜ ଗୃପର ପ୍ରତିଷ୍ଠାତା ସୀମାନ୍ତ ପଟ୍ଟନାୟକ ଏବଂ ସୁନାମଧନ୍ୟ ଗାୟିକା କଣ୍ଠଶିଳ୍ପୀ ଅନିନ୍ଦିତା ଦାସ। ରୋଜାର ସଭାପତି, ସରୋଜ କୁମାର ପାଣିଗ୍ରାହୀ ଓ ପରାମର୍ଶ ଦାତା ଦେବାଶିଷ ରାଉତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସଙ୍ଗଠନର ମାର୍ଗଦର୍ଶକ ଡଃ ଦେବ ମହାନ୍ତି ଓଡ଼ିଆ ଅସ୍ମିତା ଓ ଗୌରବ ଗାଥାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଫଜଲ୍ରୋଜାର ବିଭିନ୍ନ ବିଭବ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଅତିଥିଙ୍କ ହସ୍ତରେ ସ୍ମରଣିକା ଉନ୍ମୋଚନ ମଧ ହୋଇଥିଲା।

ଉତ୍ସବରେ ପ୍ରଦର୍ଶିତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ମନ ମୁଗ୍ଧକର ଥିଲା। ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକନୃତ୍ୟ ଓ ଅନ୍ୟାନ୍ୟ ପ୍ରଦର୍ଶନରେ ଶିଶୁ, ଯୁବା, ପ୍ରୌଢ଼ ସଭିଏଁ ଭାଗ ନେଇଥିଲେ, ଯାହାକୁ ଉପସ୍ଥିତ ପ୍ରାୟ ୫୦୦ ଦର୍ଶକ ମନ ଭରି ଉପଭୋଗ କରିଥିଲେ। ନୃତ୍ୟ ନିର୍ଦ୍ଦେଶନାର ଭାର ସୁଚାରୁ ରୂପେ ତୁଲାଇଥିଲେ ଡଃ ଚନ୍ଦନା ପଟ୍ଟନାୟକ, ଦୀପିକା ପାଣିଗ୍ରାହୀ, ଦୀପିକା ପାତ୍ର ଓ ମେହେବିସ ଗିଲାନି । ନିମନ୍ତ୍ରିତଥିବା ସାଉଦି ଆରବର ଅନ୍ୟ ଦୁଇ ପ୍ରମୁଖ ସହର ଜୁବେଲ ଓଡ଼ିଆ ସଂଗଠନ ଉତ୍କଳିକା ଓ ଦମାମର ଓଡ଼ିଆ ସଂଗଠନ କଳିଙ୍ଗନ୍ଦ୍ଧ ବନ୍ଧୁତ୍ୱ ସ୍ୱରୂପ ମନ ମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଅତିଥି ଗାୟିକା ସୁନାମଧନ୍ୟ ଶ୍ରୀମତୀ ଅନିନ୍ଦିତା ଦାସଙ୍କ ସୁଲଳିତ ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ଅଭିଭୂତ କରିଥିଲା। ମୁଖ୍ୟ ଅତିଥି ଶ୍ରୀ ଜର୍ଜ ଉତ୍କଳୀୟ ପରମ୍ପରାକୁ ନେଇ ରୋଜାର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମଟିକୁ ସଫଳ ପାଇଁ 'ରୋଜା'ର ସମସ୍ତ କର୍ମକର୍ତ୍ତାମାନେ ଉଦ୍ୟମ କରିଥିଲେ।

# ବଲାଙ୍ଗିର ମୁନିସିପାଲିଟୀ କାର୍ତ୍ତିକ ମାସରେ ପୋଖରୀ ଗୁଡ଼ିକର ତୁଠ ପରିଷ୍କାର କରୁ

ବଲାଙ୍ଗିର, ୧୯/୧୧ (ନି.ପ୍ର): ବଲାଙ୍ଗିର ମୁନ୍ସିପାଲିଟୀ ବଲାଙ୍ଗିର ସହର ମଧ୍ୟରେ ଥିବା ପୋଖରୀ ଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରିବା ତାହାର ଦାୟିତ୍ୱ ବୋଲି ବୋଧହୁଏ ଭାବୁ ନାହିଁ। ସହର ମଧ୍ୟରେ ରାଜାରାଜୁଡା ଅମଳରୁ ଲୋକଙ୍କ ବ୍ୟବହାର ପାଇଁ ତିଆରି ହୋଇଥିବା ପୋଖରୀ ବନ୍ଧ ତୁଠ ଗୁଡ଼ିକ ସାଧାରଣ ଜନତାର ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଯେତେ ଯିଏ ଅଭିଯୋଗ ଆପତି କଲେ ମଧ ଶୁଣିବାକୁ କେହି ନାହାନ୍ତି। ସ୍ଥାନୀୟ ବିଧାୟକ ଗତ ଦୁଇଟି ଟର୍ମ ବିଧାୟକ ହେଲା ପରେ ବିଭିନ୍ନ ଯୋଜନା ଏବଂ ସରକାରୀ ସ୍ତରରେ ହାରି ଗୁହାରି କରି ଟଙ୍କା ଆଣିଲେ ଲୋକେ ଭାବୁଥିଲେ ଏଥର କାମ ହେବ। ହେଲେ ଯୋଜନା କରିବା ସଂସ୍ଥା ନୀରବ ରହିଛି। ଏବେ ମୁଖ୍ୟମନ୍ତ୍ରୀଙ୍କ ମୋ ପୋଖରୀ ଯୋଜନା ରାଜ୍ୟରେ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଲାଗି ପାତି ଡ୍ରୋନ ସର୍ଭେ ମଧ ହେଲା ବିଭିନ୍ନ ଖବରକାଗଜରେ ଏ ସଂପର୍କରେ ଖବର ପୃଷ୍ଠା ମଣ୍ଡନ କଲା, ହେଲେ କାମ କଣ ହେଉଛି ଜାଣି ହେଉନାହିଁ। କାର୍ତିକ ମାସ ଓ ଛଟ ପୂଜା ଥିବାରୁ ଅନେକ ଶ୍ରଦ୍ଧାଳୁ ଓ ମହିଳା ପୋଖରୀରେ ଗାଧୋଇ ସେଠାରେ ତୁଠରେ ପୂଜାର୍ଚ୍ଚନା କରି ଥାଆନ୍ତି ହେଲେ ୧୪/୧୫ ଗୋଟି ପୋଖରୀର ଘାଟ ଗୁଡ଼ିକ ନିଶ୍ଚିହ୍ନ ହୋଇ ଯାଇଛି। ଦଳ ଓ ମଇଳା ଆସି ଘାଟ ଗୁଡ଼ିକୁ ଚିହ୍ନ ବର୍ଣ୍ଣ ରଖି ନାହିଁ। ଲେଖି କରି ଅଭିଯୋଗ ଫୋନ ଓ ବ୍ୟକ୍ତିଗତ ଭାବରେ କହି ସାରିଲା ପରେ କାମ ନହେବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ତତଃ ପକ୍ଷେ ପଂଚୁକ ଆଗରୁ ଘାଟ ପରିଷ୍କାର ଦିଗରେ ପୌର ସଂସ୍ଥା ଆଗଭର ହେବାକୁ ଦାବି ହେଉଛି।

ସୋମବାର, ନଭେମ୍ବର ୨୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭାନୁମତୀର ଗାଁ ପୁସ୍ତକ ଉନ୍ମୋଚିତ

ବାଲିଅନ୍ତା , ୧୯/୧୧ (ନି.ପ୍ର): କବି ପୂର୍ଣ୍ଣଚନ୍ଦ୍ର ମହାରଣା ଙ୍କ ରଚିତ ଭାନୁମତି ର ଗାଁ କବିତା ପୁସ୍ତକ ଆଜି ପୂର୍ବାହ୍ନ ରେ ସରଦେଇପୁର୍ ଡାକବଙ୍ଗଳା ଠାରେ ଉନ୍ମୋଚିତ ହୋଇଯାଇଛି।ଏହି ପୁସ୍ତକ ରେ କବି ଗାଉଲି ଭାଷା ସହିତ ଗାଁ ର ଏକ ସ୍ପଷ୍ଟ ଚିତ୍ର ନିଆରା ଢଙ୍ଗରେ ଉପସ୍ଥାପିତ କରିଛନ୍ତି।ଏହି ଉପଲକ୍ଷେ ଏକ ସାରସ୍ୱତ ସଭା ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସଂଳାପ ଲେଖକ ଡ଼ ରଜନୀ ରଞ୍ଜନ ଦାଶ,ଶିଶୁ ଲେଖକ ବଙ୍କିମ ନାୟକ,ପ୍ରତିଷ୍ଠିତ ସ୍ତମ୍ଭକାର ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଦାସ,ଆରକ୍ଷୀ ଅଧିକାରୀ ସତିଶ ରାୟ,ଗୀତିକାର ଅରୁଣ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ମହାରଣା ଙ୍କ ସାହିତ୍ୟ ସାଧନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।କବି ବିପିନ ମହାନ୍ତି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ।ଉନ୍ମୋଚିତ ପୁସ୍ତକର କବିତାକୁ କମଳିନୀ ମଲିକ,ଅଭିମନ୍ୟୁ




ନାୟକ ଓ ଅନ୍ୟମାନେ ଆବୃତ୍ତି କରିଥିଲେ।ଅଧ୍ୟାପକ ଭବାନୀ ଶଙ୍କର ଦାଶ,ସାମ୍ବାଦିକ ସୋମନାଥ ସ୍ୱାଇଁ,ଲେଖିକା ତନୟା ଦାସ ଗୋସ୍ୱାମୀ,ସ୍ୱାତୀ ମହାପାତ୍ର ଙ୍କ ସମେତ ବହୁ ସାହିତ୍ୟିକ କାର୍ଯ୍ୟକ୍ରମ ରେ ବକ୍ତବ୍ୟ ରଖିଥିଲେ।ପ୍ରାଚିଧାରା ର ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାସେଶ୍ୱରୀ ଦେବୀଜୀଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ 'ଏକ ହିଁ ଜିଜ୍ଞାସା - ଆନନ୍ଦର ଆଶା' ଅନୁଷ୍ଠିତ



ନୀଳଗିରି, ୧୯/୧୧ (ନି.ପ୍ର): ଜଗଦଗୁରୁ ସ୍ୱାମୀ ଶ୍ରୀ କୃପାଳୁ ମହାରାଜଜୀଙ୍କ ଦର୍ଶନ ତତ୍ତ୍ୱ ଉପରେ ଆଧାରିତ 'ଏକ ହିଁ ଜିଜ୍ଞାସା - ଆନନ୍ଦ ର ଆଶା' ଶୀର୍ଷକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆଜି ଅର୍ଥାତ ତା ୨୦/୧୧/୨୦୨୩ ରିଖ ଠାରୁ ନୀଳଗିରି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ନବ ଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସନ୍ଧ୍ୟା ୬ ଘଟିକା ରୁ ୮.୩୦ ଘଟିକା ପର୍ଯ୍ୟନ୍ତ ଆସନ୍ତା ୨୮/୧୧/୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଶ୍ରୀ କୃପାଳୁଜୀଙ୍କର ପ୍ରମୁଖ ପ୍ରଚାରିକା ପୂଜନୀୟ ରାସେଶ୍ୱରୀ ଦେବୀଜୀଙ୍କ ମୁଖ ନିସୃତ ପ୍ରବଚନ (ଏଲ.ଇ.ଡି) ପରଦା ମାଧ୍ୟମରେ ପରିବେସିତ ହେବ । ରାଧାକୃଷ୍ଣ ଭକ୍ତିର ଏକ ପବିତ୍ର ତଥା ସୁଦୃଢ ଇତିହାସ ରହିଥିବା ନୀଳଗିରିର ଜନସାଧାରଣ ମାନବ ଜନ୍ମର ପ୍ରକୃତ ଲକ୍ଷ୍ୟ , ଦିବ୍ୟ ଆନନ୍ଦ ପ୍ରାପ୍ତିର ସରଳ ସହଜ ଉପାୟ ତଥା ବେଦ ଶାସ୍ତ୍ରରେ ବର୍ଣ୍ଣିତ ଗୁଢ ରହସ୍ୟର ସମାଧାନର ସୂତ୍ର ଉକ୍ତ ପ୍ରବଚନ ମାଧ୍ୟମରେ ପାଇବାର ସୌଭାଗ୍ୟ ଲାଭ କରିବେ। ନୀଳଗିରି ପୋଷ୍ଟ ଅଫିସ ସଂଲଗ୍ନ କଲ୍ୟାଣ ମଣ୍ଡପରେ ଆୟୋଜିତ ହେବାକୁ ଯାଉଥିବା ଉକ୍ତ ନବ ଦିବସୀୟ ଆଧ୍ୟାତ୍ମିକ ପ୍ରବଚନରେ ଏଲ.ଇ.ଡି ମାଧ୍ୟମରେ ପୂଜନୀୟ ରାସେଶ୍ୱରୀ ଦେବୀ ଭକ୍ତିରସ ସମ୍ବନ୍ଧିତ ଜ୍ଞାନ ବିତରଣ କରିବେ ।ଏହି ପରିପ୍ରେକ୍ଷୀ ରେ ରବିବାର ସକାଳେ ଏକ ଭବ୍ୟ ଶୋଭାଯାତ୍ରା ର ଆୟୋଜନ କରାଯାଇଥିଲା, ଯେଉଁଥିରେ ନୀଳଗିରି ତଥା ବାଲେଶ୍ୱର, ବାରିପଦା, ବେତନଟୀ, ଜଳେଶ୍ୱର ତଥା ଭଦ୍ରକ ରୁ ଶତାଧିକ ଭକ୍ତଗଣ ଯୋଗଦେଇ କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।ନିରନ୍ତର କାୟା ବିସ୍ତାର କରୁଥିବା ପାଶ୍ଚାତ୍ୟ ସଂସ୍କୃତିକୁ ନିରସ୍ତ କରି ତଥା ଅଧ୍ୟାତ୍ମ ଜଗତରୁ କାଳକ୍ରମେ ଦୂରେଇ ଯାଉଥିବା ବିଚାରଧାରାକୁ ଭକ୍ତିରସ ମାଧ୍ୟମରେ ପୁନର୍ଜୀବିତ କରିବାକୁ ପୂଜନୀୟ ରାସେଶ୍ୱରୀ ଦେବୀ ଚିରପ୍ରୟାସରତ । ସେଥିପାଇଁ ଶ୍ରୀ କୃପାଳୁଜୀଙ୍କର କୃପାପ୍ରାପ୍ତ ଦେବୀଜୀ ଓଡିଶା ସମେତ ସମଗ୍ର ଭାରତ ବର୍ଷ ଓ ବିଦେଶ ମାଟିରେ ରାଧା କୃଷ୍ଣ ଭକ୍ତିରସର ପ୍ରଚାର ପ୍ରସାର ପାଇଁ 'ବ୍ରଜ ଗୋପିକା ସେବା ମିଶନ' ନାମରେ ସଂସ୍କାର ସଂସ୍ଥାପନା କରିଛନ୍ତି । ନୀଳଗିରି କଲ୍ୟାଣ ମଣ୍ଡପରେ ଆୟୋଜିତ ହେବାକୁ ଥିବା ଉକ୍ତ ନବ ଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବାକୁ 'ବ୍ରଜ ଗୋପିକା ସେବା ମିଶନ'ର ସମର୍ପିତ ସାଧକ ଶ୍ରୀପ୍ରସାଦ ଭାଇ ଏବଂ ସାଧୂକ ବିଶାଖା ଦିଦି ଅନୁରୋଧ କରିଛନ୍ତି ।

# ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତାବିତ ଜୁଡିସିଆଲ ହବ୍‌ର କ୍ଷେତ୍ର ପରିଦର୍ଶନ




ବାଲେଶ୍ୱର: ଆଜି ପୂର୍ବାହ୍ନରେ ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ସଦସ୍ୟାମାନେ ଆଇଟିଆଇ ଛକ ନିକଟସ୍ଥ ଜଳସମ୍ପଦ ବିଭାଗ ପରିସରରେ ଥିବା ସରକାରୀ ଜମିରେ ପ୍ରସ୍ତାବିତ ଜିଲ୍ଲା ଜଜ୍ କୋର୍ଟ କ୍ୟାମ୍ପସ/ ଜୁଡିସିଆଲ ହବ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମିର କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ପରିସରରେ ଥିବା ପରିତ୍ୟକ୍ତ ସ୍ଥାନ ତଥା ପୁରୁଣା କର୍ମଚାରୀଙ୍କ ଭଗ୍ନ କ୍ୱାଟର ଥିବା ସ୍ଥାନ ସମସ୍ତ କର୍ମକର୍ତ୍ତାମାନେ ବୁଲିବୁଲି ଦେଖିଥିଲେ । ଗତ ୦୭.୧୧.୨୦୨୩ ରିଖ ବାଲେଶ୍ୱର ଲୋକପ୍ରିୟ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଭିନ୍ନ ସଂଗଠନ ଓ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ମିଳିତ ବୈଠକରେ କମିଟିର ସଭାପତି ଗୌରୀ ରାଉତଙ୍କ ପ୍ରସ୍ତାବ ମୂଳେ ଜଳ ସମ୍ପଦ ବିଭାଗ ପରିସରରେ ଥିବା ସ୍ଥାନରେ ହବ୍ ନିର୍ମାଣ ହେବା ବିଷୟ ଜିଲ୍ଲାପାଳ ଘୋଷଣା କରିଥିଲେ ଏବଂ ବିଦ୍ୟାଧରପୁରରେ ହବ୍ ପ୍ରସ୍ତାବ ବାତିଲ ପାଇଁ ମଧ ରେମୁଣା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ କମିଟିର କର୍ମକର୍ତ୍ତା ମାନେ ମାନନୀୟ ଜିଲ୍ଲା ଜଜ୍‌ଙ୍କୁ ଏହି ବିଷୟରେ ସୂଚନା ଦେବା ପରେ ସେ ମଧ ଏହି ପ୍ରସ୍ତାବ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଉପଯୁକ୍ତ ହେବ ବୋଲି ପ୍ରକାଶ କରିଥିଲେ । ତତ୍‌ପରେ ଜିଲ୍ଲାବାସୀଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଥିଲା। ଏହି ଅବସରରେ ଦୀର୍ଘ ଦିନଧରି ଥିବା ଆଶା ପୂରଣ ହୋଇଥିବାରୁ କମିଟି ପକ୍ଷରୁ ମାନନୀୟ ଜିଲ୍ଲା ଜଜ୍, ଜିଲ୍ଲାପାଳ, ମିଡିଆ ବଂଧୁ ତଥ ଜନସାଧାରଣଙ୍କୁ ସାଧୁବାଦ ପ୍ରଦାନ କରାଯାଇଛି । ଏହି ଅବସରରେ କମିଟିର ସଭାପତି ଗୌରୀ ରାଉତ ଉପସଭାପତି ଉପେନ୍ଦ୍ର ପାତ୍ର, ଜିତେନ୍ଦ୍ର ଉପାଧ୍ୟୟ, ମହମ୍ମଦ ଇସଲାମ, ସଂପାଦକ ମାନସ ରଥ, ସହ ସମ୍ପାଦକ ପ୍ରଭାତ ଦାସ, ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ନବକିଶୋର ପଣ୍ଡା, କାଉନସିଲର ରଂଜିତା ମହାପାତ୍ର, ସଭ୍ୟା ଆଶ୍ରିତା ତରାଇ, ତୁଷାରକାନ୍ତି ମହାପାତ୍ର, କୋଷାଧକ୍ଷ ସୁବାସ ମାସନ୍ତ, ସଭ୍ୟ ହୃଦାନନ୍ଦ ବାରିକ, ନାରାୟଣ ସାହୁ, ରାଧାବଲ୍ଲଭ ଦାସ, ରବିନ୍ଦ୍ର ସେଠୀ, ମହେଶ ଷଡ଼ଙ୍ଗୀ, ସୋନାଲୀ ସାହା, ଅଭିମନ୍ୟୁ ବଳ, ଅରୁଣ କୁ. ପଲେଇ, ବିରଞ୍ଚି ପଣ୍ଡା, ବନମାଳୀ ଆରୁଖ, ବିଚିତ୍ରାନନ୍ଦ ଦାସ, ସକିଲା ବାନୋ, ପ୍ରତାପ ନନ୍ଦ, ସୟିଦା ଅକତରୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ରହି ସରଜମିରେ କ୍ଷେତ୍ର ବୁଲିଥିଲେ ।

# ନୀଳଗିରି ଯୁବ କଂଗ୍ରେସ ତରଫରୁ ୧୦୬ତମ ଜନ୍ମ ଜୟନ୍ତୀ ପାଳିତ

ନୀଳଗିରି , ୧୯/୧୧ (ନି.ପ୍ର): ଭାରତୀୟ ରାଜନୀତିଜ୍ଞ ଓ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀଙ୍କ ୧୦୬ତମ ଜନ୍ମ ଜୟନ୍ତୀ ନୀଳଗିରି ଯୁବ କଂଗ୍ରେସ ତରଫରୁ କଂଗ୍ରେସ ଭବନରେ ପାଳନ ହୋଇଯାଇଛି। ନୀଳଗିରି ଯୁବ କଂଗ୍ରେସ ସଭାପତି ଜୟଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସୁଧା ରଞ୍ଜନ ମହାପାତ୍ର, ସମ୍ପାଦକ ଡମ୍ବରୁ ଧର ବେହେରା, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ପୂର୍ବତନ ବିଧାୟିକା ପ୍ରାର୍ଥୀନୀ ରାଣୀ ମନୋଜା ମଞ୍ଜରୀ ଦେବୀ, ନୀଳଗିରି ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି ରାହାସ ମହାପାତ୍ର, ନୀଳଗିରି ନଗର ସଭାପତି ଉପେନ୍ଦ୍ର ବେହେରା, ଜଗନ ବେହେରା, ସାନ୍ତୁନୁ ମହାଳିକ, ଅର୍ଦ୍ଧେନ୍ଦୁ ରାଜପୁତ, ପ୍ରଦୀପ ଜେନା,ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ହାଇସ୍କୁଲର ୧୯୬୭ ମ୍ୟାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ରାଇବଣିଆ ଦୁର୍ଗ ପରିଦର୍ଶନ

ଜଳେଶ୍ୱର , ୧୯/୧୧ (ନି.ପ୍ର): ଆଜି ଶ୍ରୀଜଗନ୍ନାଥ ହାଇସ୍କୁଲର ୧୯୬୭ ମସିହା ମ୍ୟାଟ୍ରିକ ବ୍ୟାଚ୍‌ର ବହୁ ଛାତ୍ରଛାତ୍ରୀ ରାଇବଣିଆ ଦୁର୍ଗ ବୁଲି ଦେଖିଛନ୍ତି । ସେଠାରେ ଆୟୋଜିତ ରାଇବଣିଆ ଦୁର୍ଗର ଇତିହାସ ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପରିମଳ ରଂଜନ ଭୂୟାଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଓଷ୍ଟାର ସଂପାଦକ ବିଜୟ କୁମାର ନନ୍ଦ ମୁଖ୍ୟବକ୍ତାଭାବେ ଯୋଗ ଦେଇ ରାଇବଣିଆର ଅତୀତ ଇତିହାସ ଓ ପୌରାଣିକ ବିଷୟବସ୍ତୁ ଉପରେ ଅନ୍ୟ ସହପାଠୀମାନଙ୍କୁ ବର୍ଣ୍ଣନା କରିଥିଲେ । ଏଥିରେ ଦୀନକୃଷ୍ଣ କଲେଜ ପୂର୍ବତନ ଅଧ୍ୟକ୍ଷ ତଥା ଗୁରୁ ଶ୍ରୀକାନ୍ତ ଚରଣ ପାତ୍ର, ରାଇବଣିଆ ଦୁର୍ଗ ସଂପର୍କରେ ବିଷଦ ବିବରଣୀ ଉପସ୍ଥାପନ କରିଥିଲେ । ତାଙ୍କୁ ଜଗନ୍ନାଥ ହାଇସ୍କୁଲର ୧୯୬୭ ବ୍ୟାଚଥର ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ।



# ହେରୋଇନ୍ ଡିଲ୍ ମାମଲାରେ ତିନି ଗିରଫ

ଗୌହାଟୀ, ୧୯/୧୧ (ନି.ପ୍ର): ଗୌହାଟୀ ପୋଲିସ ପକ୍ଷରୁ ଡ୍ରଗ୍ସ ନିରୋଧୀ ଅଭିଯାନ ଜାରି ରହିଛି । ଏହି କ୍ରମରେ ଗୌହାଟୀ ପୋଲିସ ବିପୁଳ ପରିମାଣର ହେରୋଇନ୍ ଜବତ କରିବା ସହ ତିନିଜଣଙ୍କୁ ଗିରଫ କରିଛି । ଏନେଇ ଗୌହାଟୀ ପୋଲିସ କମିଶନର ସୂଚନା ଦେଇଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପଶ୍ଚିମ ଗୌହାଟୀ ପୋଲିସ ଜିଲ୍ଲାର ଏସଓଜି ଟିମ ଓ ଗରଚୁକ ପୋଲିସ ଟିମ୍ ସହ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ । ଏକ କାର ଯୋଗେ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ଧରିଥିଲା ପୋଲିସ , ଯିଏକି ହେରୋଇନ କିଣିବାକୁ ଆସିଥିଲା । ଏହାପରେ ପୋଲିସ ହୋଟେଲ ହାଇୱେ ପ୍ୟାଲେସ ଲାଲମାଟି ଅଂଚଳରୁ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା । ଅଭିଯୁକ୍ତମାନଙ୍କ ଠାରୁ ୨୦ପ୍ୟାକେଟ୍ ହେରୋଇନ ସହ ୨୨ହଜାରରୁ ଅଧିକ ଟଙ୍କା ଜବତ କରାଯାଇଛି ।

# ଚିନ୍ମୟ ମିଶନ୍ ବାଲେଶ୍ୱର ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା




ବାଲେଶ୍ୱର, ୧୯/୧୧ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ତରଫରୁ ଫକୀରମୋହନ କଲେଜ ପରିସରରେ ଗୀତା ଆବୃତ୍ତି ପ୍ରତିଯୋଗିତା କରାଯାଇଥିଲା। ପ୍ରଥମଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୨ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଚିନ୍ମୟ ମିଶନର ସଭାପତି ଡ. କ୍ଷୀତିଶ୍ୱର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ କୁମାର ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲାବେଳେ ସମ୍ପାଦକ ଦିବାକର ମହାପାତ୍ର ମିଶନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ମାନନୀୟ ଅତିଥିଭାବେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଓ ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ରାଉତ ଉପସ୍ଥିତ ରହି ତାଙ୍କ ବକ୍ତବ୍ୟରେ ଚିନ୍ମୟ ମିଶନର ଆଚାର୍ଯ୍ୟ ତଥା ସମସ୍ତ କର୍ମକର୍ତ୍ତାଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିବା ସହିତ ଏହା କରିବା ଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କର ବ୍ୟକ୍ତିତ୍ୱ ବିକାଶ ସହିତ ସାତ୍ତ୍ୱିକ ଭାବ ବୃଦ୍ଧି ହୁଏ ବୋଲି କହିଥିଲେ। ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ଡକ୍ଟର ବେଣୁମାଧବ ଶତପଥୀ, ଡକ୍ଟର ଗଣେଶ ଚନ୍ଦ୍ର ପରିଡ଼ା, ନିର୍ମଳ ଚନ୍ଦ୍ର ପଣ୍ଡା, ଅଧ୍ୟାପିକା ବନ୍ଦନା ସ୍ୱାଇଁ, ଜ୍ୟୋସ୍ନା ସାମଲ ବିଚାରକ ମଣ୍ଡଳୀ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ହରିଶ୍ଚନ୍ଦ୍ର ସାହୁ, ରଜନୀକାନ୍ତ ବେହେରା, ସୁବ୍ରତ କର, ଅନିରୁଦ୍ଧ ବେହେରା, ସରୋଜ ସାମଲ, ପ୍ରଦୀପ କୁମାର ସେଠୀ, ଜୟଦେବ ସେଠୀ, ଗୌତମ ସେଠୀ ଉପସ୍ଥିତ ରହି କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବାରେ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଚିନ୍ମୟ ମିଶନ ପକ୍ଷରୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଉପସଭାପତି ଅକ୍ଷୟ କୁମାର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସଜେଇ ହେଉଛି ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆ

ବାରିପଦା , ୧୯/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ମା' ଜଗଦ୍ଧାତ୍ରୀଙ୍କ ୭୧ ତମ ପୂଜା ଅବସରରେ ଆୟୋଜିତ ହେବାକୁ ଥିବା ୨୯ ତମ ମେଳା ଉପଲକ୍ଷେ ସଜେଇ ହେଉଛି ମେଳା ପଡିଆ ଓ ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମେଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ୱାର୍କିଙ୍ଗ କମିଟି ଚେୟାରମ୍ୟାନ ତଥା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ମେଳା କମିଟି ଉପାଧ୍ୟକ୍ଷ ଜ୍ଞାନ ରଂଜନ ଦାଶ, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଏ ବର୍ଷ ପୂଜା ଓ ମେଳା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପାରମ୍ପରିକ ରୀତିନୀତିରେ ମା' ଙ୍କ ପୂଜା ଚଳିତ ମାସ ୨୧ ତାରିଖରେ ହେବ ଓ ମେଳା ଚଳିତ ମାସ ୨୬ ତାରିଖରୁ ଡିସେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ମେଳାରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ମୋଟ ୩୫୦ ଟି ଷ୍ଟଲ ପ୍ରଦର୍ଶିତ ହେବ ତଥା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷିତ ହେବ ଓ ପ୍ରତିବର୍ଷ ପରି ଏ ବର୍ଷ ମଧ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ ଓ କୁଇଜ ପ୍ରତିଯୋଗିତା ଚଳିତ ମାସ ୨୨ ରୁ ୨୪ ତାରିଖ ମଧରେ ଅନୁଷ୍ଠିତ ହେବ । ନିଜ ନିଜର ଅନୁଷ୍ଠାନ ମାଧ୍ୟମରେ ଛାତ୍ର ଛାତ୍ରୀ ମାନେ ଏହି ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିପାରିବେ ଅଥବା କୁମାର୍ସ କ୍ଲବରେ ମଧ ନିଜ ନାମ ପଞ୍ଜିକରଣ କରିପାରିବେ ଓ ମେଳାରେ ପ୍ରବଳ ଜନସମାଗମକୁ ଲକ୍ଷ୍ୟ କରି ଏ ବର୍ଷ ମଧ ସି ସି ଟି ଭି କ୍ୟାମେରା, ଅଗ୍ନିନିର୍ବାପନ ଯନ୍ତ୍ର ତଥା ବ୍ୟାପକ ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ମେଳା କମିଟି ଅଧ୍ୟକ୍ଷ ଶ୍ରୀ ମାରାଣ୍ଡି ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହ ଶାନ୍ତିଶୃଙ୍ଖଳା ସହ ମେଳାକୁ ଉପଭୋଗ କରିବାକୁ ମଧ ଅନୁରୋଧ କରିଛନ୍ତି ଓ ସାଂସ୍କୃତିକ ମଞ୍ଚରେ ରେକର୍ଡ ଡ୍ୟାନ୍ସରେ ଅଂଶ ଗ୍ରହଣ କରିବା ପାଇଁ ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ପଞ୍ଜିକରଣ କରିଥିବାରୁ ଅନ୍ୟତମ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡାଙ୍କ ନେତୃତ୍ୱରେ ଆଜି କୁମାର୍ସ କ୍ଲବରେ ଅଡିସନକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଏ ବର୍ଷ ମଧ ଡିସେମ୍ବର ୩ ତାରିଖ ଦିନ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ ମେଳା ପଡିଆରେ ଅନୁଷ୍ଠିତ ହେବ । ଦୁବାଇ ସ୍ଥିତ ବୃଜ ଖଲିଫା ଓ ଆକର୍ଷଣୀୟ ଆଲୋକସଜ୍ଜା ଦର୍ଶକଙ୍କ ମନ ମୋହିବ ବୋଲି ଆଶାକରାଯାଏ ।



# ହରିୟାଣାରେ ଦୁଇ ଟ୍ରକ ମୁହାଁମୁହିଁ ଧକ୍କା, ୨ ଡ୍ରାଇଭର ମୃତ

ଯମୁନାନଗର , ୧୯/୧୧ : ହରିୟାଣାର ଜଗାଧରି –ପୋଂଟା ସାହିବ ଜାତୀୟ ରାଜପଥ ଉପରେ ପିପଲି ମାଜରା ଗାଁ ନିକଟରେ ଶନିବାର ରାତିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଦୁଇଟି ଟ୍ରକ ମଧରେ ଦୁର୍ଘଟଣା ଯୋଗୁ ଟ୍ରକରେ ନିଆଁ ଲାଗିଯାଇଥିଲା । ନିଆଁ ଏତେ ପ୍ରଖର ବେଗରେ ବ୍ୟାପିଥିଲା ଯେ, ଦୁଇଟି ଯାକ ଟ୍ରକର ଡ୍ରାଇଭର କ୍ୟାବିନରେ ଫସିଯାଇ ମୃତ୍ୟୁବରଣ କରିଛନ୍ତି । ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଏନେଇ ସୂଚନା ମିଳିଛି । ସୂଚନା ମୁତାବକ, ଜାତୀୟ ରାଜପଥ ୭୩-ଏର କାମ ଚାଲୁଥିବା ବେଳେ ଗୋଟିଏ ଟ୍ରକ ନିର୍ମାଣ ସାମଗ୍ରୀ ନେଇ ଯାଉଥିଲା । ଏହା ପିପଲି ମାଜରା ନିକଟରେ ଅନ୍ୟ ଏକ ଟ୍ରକ ସହ ଧକ୍କା ହୋଇଥିଲା । ଧକ୍କା ହେବା କ୍ଷଣି ନିଆଁ ଲାଗିଯାଇଥିଲା । ଏବଂ ଟ୍ରକରେ ଥିବା ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । '

# ରାସ୍ତା ମରାମତି ଦାବିରେ କଂଗ୍ରେସର ରାସ୍ତାରୋକ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାସ୍ତା ମରାମତି ଦାବିରେ କଂଗ୍ରେସର ରାସ୍ତାରୋକ । ରାୟଗଡା ଠାରୁ ବିଷମକଟକ ୪୫ କିଲୋମିଟର ଯାଏ ୩୨୬ ନମ୍ବର ଜାତୀୟ ରାଜପଥ ମରାମତି ପାଇଁ ଜୋର ଧରିଛି ଦାବି । ପ୍ରତିବାଦରେ କଂଗ୍ରେସ ପକ୍ଷରୁ ୯ ଘଂଟିକା ଠାରୁ ୧୨ ଘଂଟିକା ପର୍ଯ୍ୟନ୍ତ ୩ ଘଂଟା ପାଇଁ ରାସ୍ତାରୋକ କରାଯାଇଥିଲା । ଜେକେପୁର ଠାରେ ରାସ୍ତାରୋକ ଯୋଗୁ ଗାଡିମୋଟର ଚଳାଚଳ ଠପ୍ ହୋଇପଡିଥିଲା । ଫଳର ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo